## ସଂକ୍ଷେପରେ

### ନୀଳଗିରି ଡାକ୍ତରଖାନାରେ 'ସ୍ୱର୍ଗରଥ' ସେବା ଆରମ୍ଭ

ନୀଳଗିରି, ୧।୧(ସ୍ୱ.ପ୍ର.)-ମାନବ ସେବା ହିଁ ମାଧବ ସେବା। ମାନବର ଯେତେ ବି ସେବା ରହିଛି ସେଥିରୁ ବଡ଼ ସେବା ମଣିଷ ଅନ୍ତିମ ସେବା। ଶବାଧାରରେ ତାଙ୍କୁ ବୋହିବାରେ ସହଯୋଗ କରିବା। ଏହାକୁ ଆଧାର କରି ନୀଳଗିରି ଟ୍ରକ୍ ମାଲିକ ସଂଘ ପକ୍ଷରୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଦେୟ ମୁକ୍ତ 'ସ୍ୱର୍ଗରଥ' ଗାଡ଼ି ସେବା ଆରମ୍ଭ କରିଛନ୍ତି। ଏହି ଅଞ୍ଚଳ ଏକ ବଣପାହାଡ଼ ଘେରା ଅଞ୍ଚଳ। ବହୁ ଦୂରଦୂରାନ୍ତରୁ ଲୋକେ ଚିକିତ୍ସା ପାଇଁ ଏହି ମେଡ଼ିକାଲ ଉପରେ ନିର୍ଭର କରିଥାନ୍ତି। ରୋଗୀଙ୍କ ମୃତ୍ୟୁ ପରେ ତାଙ୍କୁ ଶ୍ମଶାନ ନେବା ପାଇଁ ଦେୟମୁକ୍ତ 'ସ୍ୱର୍ଗରଥ'ର କୌଣସି ଗାଡ଼ି ନ ଥିବା ବେଳେ ରବିବାର ନୂତନବର୍ଷ ଅବସରରେ ନୀଳଗିରି ଟ୍ରକ୍ ମାଲିକ ସଂଘ ପକ୍ଷରୁ ହସ୍ପିଟାଲରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଦେୟମୁକ୍ତ ସ୍ୱର୍ଗରଥ ଗାଡ଼ି ସେବା ଆରମ୍ଭ ହୋଇଛି। ଏହି ସ୍ୱର୍ଗ ରଥ ସମସ୍ତ ବର୍ଗର ଲୋକଙ୍କୁ ସହଯୋଗ ଯୋଗାଇପାରିବ ବୋଲି ସଂଘ ସଭାପତି ଶିଶିର କୁମାର ରାଉତ ପ୍ରକାଶ କରିଛନ୍ତି। ଏହି ସେବା ଉଦ୍‌ଘାଟନୀ ଉତ୍ସବରେ ବିଜେଡ଼ି ନେତା ସନ୍ତୋଷ ଖଟୁଆ, ଏନ୍‌ଏସି ଅଧକ୍ଷା ଅମ୍ବିକା ଦାସ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ବିଜେଡି ଅନୁସୂଚିତ ଜାତିର ସଭାପତି ଶରତ କୁମାର ଦାସ ଓ ମାନସ କୁମାର ବାରିକଙ୍କ ସହିତ କାଉନସିଲରମାନେ ଉପସ୍ଥିତ ଥିଲେ।

### ଆଗରପଡ଼ା ଯୁବ ମହୋତ୍ସବ ଉଦ୍‌ଯାପିତ

ଭଦ୍ରକ ଅଫିସ, ୧।୧- ୭ଦିନ ଧରି ଚାଲିଥିବା ଆଗରପଡ଼ା ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ମହୋତ୍ସବ ସ୍ଥାନୀୟ ଅଞ୍ଚଳର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପରିଚୟ ଦେଇଥାଏ ବୋଲି କହିଥିଲେ। ମହୋତ୍ସବ କମିଟି ସଭାପତି ଇଂ. ଅମୀୟ ରଞ୍ଜନ ରାମ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଏବଂ ଅନ୍ୟତମ ଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ କୁମାର ଦାଶ, ବିଶିଷ୍ଟ ପାଲାଗାୟକ ଗୋବିନ୍ଦ ପାଣିଗ୍ରାହୀ, ସାହିତ୍ୟିକ ଜଇନୁଲ ଆବେଦ୍ଦିନ, ଶିକ୍ଷାବିତ୍ ଭୋଳାନାଥ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମିଟି କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ଶତପଥୀ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ପ୍ରଦ୍ୟୁମ୍ନ ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ଚିନ୍ମୟ ସିଂହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ଉପଦେଷ୍ଟା ଚିତ୍ତରଞ୍ଜନ ସାମନ୍ତରାୟ, ପ୍ରଣୟ ସିଂହ, ରାଜୀବଲୋଚନ ରାୟ, ଧୀରେନ୍ଦ୍ର ଷଡ଼ଙ୍ଗୀ, ଚିତ୍ତରଞ୍ଜନ ଉଦ୍‌ଗାତା, ଶଙ୍ଖାଳୀ ଚରଣ ରାଉଳ, ବନବିହାରୀ ପୃଷ୍ଟି, ଲିପିରେଖା ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଜାତୀୟ ସେବା ଶିବିର

ଗୋପବନ୍ଧୁ ନଗର,୧।୧(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ୭ଦିନିଆ ଜାତୀୟ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳକ ଓ ବାଳିକା ବିଭାଗର ମୋଟ ୫୦ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଯୋଗଦେଇ ପୋଷ୍ୟ ଗ୍ରାମ ମାଙ୍କଡ଼କେନ୍ଦା ଗାଁର ସ୍ୱଚ୍ଛତା, ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ଅନ୍ଧବିଶ୍ୱାସ,ଏଡ୍‌ସ, ନିଶା ନିବାରଣ ପ୍ରଭୃତି ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ଶିବିରକୁ ଅଧକ୍ଷା କବିତା ପରିଡ଼ା ଉଦ୍‌ଘାଟନ କରିଥିଲେ। ସେବା ଯୋଜନାର ବିଭାଗୀୟ ଅଧିକାରୀ ଅଧାପକ ଗୋପାଳ କୃଷ୍ଣ ନାୟକ, ଅଧାପିକା ଇପ୍‌ସୀତା ମୋନାଲିସା ମିଶ୍ରଙ୍କ ଅଧକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ବିଭାଗୀୟ କାର୍ଯ୍ୟକ୍ରମ ଅଧିକାରୀ କୁଣ୍ଡାବାଇ କଲେଜର ଅଧାପକ ଦିଲ୍ଲୀପ ପ୍ରାମାଣିକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

# ପର୍ଯ୍ୟାପ୍ତ ହେଉନି ପିଣ୍ଡି

- ଭୋଜି ପାଇଁ ଅନେକ ସମୟରେ ମିଳୁନି ଉପଯୁକ୍ତ ସ୍ଥାନ
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଆସୁଥିବା ପର୍ଯ୍ୟଟକ
- ପାତ୍ରପଡ଼ା ମା'ବାୟାଣୀ ପୀଠର ଅଧିକ ବିକାଶ ଦାବି



ଛେଣ୍ଡିପଦା,୧।୧(ସ୍ୱ.ପ୍ର.)

ପ୍ରକୃତିକୁ ଉପଭୋଗ କରିବାକୁ ପହଞ୍ଚୁଛନ୍ତି ପର୍ଯ୍ୟଟକ। ପର୍ଯ୍ୟଟନ ଋତୁ ହୋଇଥିବାରୁ ଦୈନିକ ବଢୁଛି ଭିଡ଼। କିଏ ମା' ବାୟାଣୀଙ୍କ ପୂଜାର୍ଚ୍ଚନା କରି ମାନସିକ ପୂରଣ କରୁଛନ୍ତି ତ ଆଉ କିଏ ପାହାଡ଼, ଜଙ୍ଗଲିଆ ପରିବେଶରୁ ମଜା ଉଠାଇ ଭୋଜିଭାତ କରୁଛନ୍ତି। ଅନେକେ ଚିରସ୍ରୋତା ମାଦେଳିଆ ଯୋର ଓ ଝରଣା ଦେଖି ପୁଲକିତ ହେଉଛନ୍ତି। ହେଲେ ଏକ ସମୟରେ ବହୁ ପିକ୍‌ନିକ୍ ଦଳ ପହଞ୍ଚିଗଲେ ସୃଷ୍ଟି ହେଉଛି କିଛିଟା ସମସ୍ୟା। କାରଣ ଭୋଜି କରିବାକୁ ପର୍ଯ୍ୟାପ୍ତ ପିଣ୍ଡି ବ୍ୟବସ୍ଥା ନ ଥିବାରୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାସ୍ଥିତ ବାୟାଣୀ ପୀଠରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ପର୍ଯ୍ୟଟକଙ୍କୁ।

ଦେବୀନଗର ପାହାଡ଼ ତଳେ ରହିଛି ମା' ବାୟାଣୀଙ୍କ ପୀଠ। ବଣଭୋଜି ପାଇଁ ଏହା ଅତ୍ୟନ୍ତ ମନୋରମ ପରିବେଶ ହୋଇଥିବାରୁ ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ଏଠାରେ ପ୍ରବଳ ଭିଡ଼ ଦେଖିବାକୁ ମିଳେ। ଚଳିତବର୍ଷ ମଧ୍ୟ ବହୁ ସଂଖ୍ୟାରେ ସ୍କୁଲ, କଲେଜ ଛାତ୍ରୀଛାତ୍ର, ପର୍ଯ୍ୟଟକ ପାତ୍ରପଡ଼ା ଆସୁଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ପର୍ଯ୍ୟଟନସ୍ଥଳୀର ଅନେକ ବିକାଶ କରାଯାଇଥିବାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ପୂର୍ବାପେକ୍ଷା ଅଧିକ ସୁବିଧା ମିଳିପାରୁଛି। ବିଶେଷକରି ନୂଆକରି ହୋଇଥିବା ପାର୍କ, ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଲୋକଙ୍କ ପାଇଁ ଆକର୍ଷଣୀୟ ହୋଇପାରିଛି। ତଥାପି ଭୋଜି ପାଇଁ ଏଠାରେ ପିଣ୍ଡିର ଅଭାବ ନିରାଶାର କାରଣ ସାଜିଛି। ବିଶେଷକରି ଆମିଷ ବାରଗୁଡ଼ିକରେ ଅଧିକ ସଂଖ୍ୟକ ପିକ୍‌ନିକ୍‌ପାର୍ଟିପହଞ୍ଚୁଥିବାରୁ ଏଠାରେ ଥିବା ୧୫ରୁ ଅଧିକ ପିଣ୍ଡି ପର୍ଯ୍ୟାପ୍ତ ହୋଇପାରୁ ନାହିଁ। ଫଳରେ ବଣଭୋଜି କରିବାକୁ ଆସିଥିବା ଲୋକେ ନିଜ ବ୍ୟବସ୍ଥାରେ ଇଟା, ପଥର ରଖି ରୋଷେଇ କରିବା ସହ ଅପରିଷ୍କାର ପରିବେଶରେ ବସି ଖାଉଥିବା ଦେଖାଯାଉଛି। ସେହିପରି ପିଇବା ପାଣି, ବିଦ୍ୟୁତ୍ ବ୍ୟବସ୍ଥାକୁ ନେଇ ପର୍ଯ୍ୟଟକମାନେ ସନ୍ତୋଷବ୍ୟକ୍ତ କରୁଥିବା ବେଳେ ଗୋଟିଏ ମାତ୍ର ଶୌଚାଳୟ ଥିବାରୁ ମହିଳା ପର୍ଯ୍ୟଟକମାନେ ଶୌଚ ପାଇଁ ସମସ୍ୟାରେ ପଡୁଛନ୍ତି। ପାର୍କ ପୋଖରୀରେ ବୋଟିଂ ବ୍ୟବସ୍ଥାକୁ ନେଇ ଉତ୍ସାହିତ ଛାତ୍ରୀଛାତ୍ର ଓ ଯୁବତୀ ଯୁବକମାନେ ଆଗଭର ହେଉଥିଲେ ବି ବୋଟ୍ ଅଚଳ ହୋଇଯାଇଥିବାରୁ ମନ ଊଣା କରୁଛନ୍ତି। ଶିଶୁମାନଙ୍କ ପାଇଁ ଏଠାରେ ଉଦ୍ୟାନ ନ ଥିବାବେଳେ କେବଳ ବୁଲାବୁଲି କରିବାକୁ ଆସୁଥିବା ଲୋକେ ଖାଇବାକୁ ହୋଟେଲ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପର୍ଯ୍ୟଟକଙ୍କ ଏସବୁ ସମସ୍ୟା ସମାଧାନ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଲେ ଅଧିକ ସଂଖ୍ୟକ ପର୍ଯ୍ୟଟକ ପାତ୍ରପଡ଼ା ଆସନ୍ତେ ବୋଲି ଅନେକେ ମତ ଦେଇଛନ୍ତି।

### ପ୍ରାକୃତିକ ଶୋଭାରାଜିରେ ଭରପୂର



ବଣଭୋଜି ପାଇଁ ବାୟାଣୀପୀଠ ଏକ ଉପଯୁକ୍ତ ସ୍ଥାନ। ପ୍ରାକୃତିକ ଶୋଭାରାଜିର ଏଠାରେ ଅଭାବ ନାହିଁ। ସେଥିପାଇଁ ଅନୁଗୋଳ ଜିଲା ସମେତ ଆଖପାଖ ଜିଲାର ବହୁ ଲୋକ ଏଠାକୁ ଧାଇଁ ଆସୁଛନ୍ତି। ବହୁ ସୁବିଧା ସୁଯୋଗ ଥିଲେ ମଧ ଏହି ପର୍ଯ୍ୟଟନସ୍ଥଳୀର ଅଧିକ ଉନ୍ନତୀକରଣର ଆବଶ୍ୟକତା ରହିଛି।

ଗୋକୁଳା ନନ୍ଦ ପ୍ରଧାନ, ଅଧକ୍ଷ, ଡିଗ୍ରୀ ମହାବିଦ୍ୟାଳୟ, ବଅଁରପାଳ

### ସୌନ୍ଦର୍ଯ୍ୟକରଣ କରାଯାଇଛି



୧୯୯୮ ମସିହାରେ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ଏଠାରେ ଇକୋଟୁରିଜମ୍, ବିଧାୟକଙ୍କ ପାଣ୍ଠିରୁ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି। ଜିଲାପାଳଙ୍କ ତତ୍ତ୍ୱାବଧାନରେ ଖଣିଜ ପାଣ୍ଠିରୁ ଅର୍ଥ ବିନିଯୋଗ କରାଯାଇଛି।

ବାସୁଦେବ ସାହୁ, ପାତ୍ରପଡ଼ା ଗ୍ରାମବାସୀ

### ଜିଲା ପ୍ରଶାସନ ଦୃଷ୍ଟି ଦେଉ



ପାତ୍ରପଡ଼ାର ଏହି ପରିବେଶରେ କିପରି ସମୟ କଟିଗଲା ଜାଣିପାରୁଲୁନି। ଅନୁଗୋଳ ଜିଲାର ଏହି ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ଅଧିକ ପ୍ରଚାର ପ୍ରସାର ଆବଶ୍ୟକ। ସେହିପରି ଭିଡ଼କୁ ଲକ୍ଷ୍ୟରଖି ପୀଠର ଉନ୍ନତି ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେଉ।

-ଦେବେନ୍ଦ୍ର ସାହୁ, ପର୍ଯ୍ୟଟକ, ତାଳଚେର

### ଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯାଉଛି



ମା' ବାୟାଣୀ ପୀଠ ପ୍ରତିବର୍ଷ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁଛି। ବଣଭୋଜି ପାଇଁ ଏଠାରେ ସୁବିଧା ରହିବା ସହ ପାନୀୟ ଜଳ ଯୋଗାଣ, ପରିମଳ, ପାର୍କିଂ, ଫୁଲ ବଗିଚା ରହିଛି। ଜନଗହଳି ସ୍ଥାନରେ ସିସି କ୍ୟାମେରା ଲଗାଇ ଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯାଇଛି।

-ଲୋକନାଥ ସାହୁ, ପୂର୍ବତନ ଅଧକ୍ଷ, ବାପୁଜୀ ମହାବିଦ୍ୟାଳୟ

### ଅଧିକ ଶୌଚାଳୟ ନିର୍ମାଣ କରାଯାଉ



ରାଧା ଦେବୀ ହେତମପୁରୀ ବାଳିକା ବିଦ୍ୟାଳୟର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ମା'ଙ୍କ ଦର୍ଶନ ପାଇଁ ଆସିଥିଲୁ। ଏଠାରେ ବଣଭୋଜି ପାଇଁ ବହୁ ସୁବିଧା ରହିଛି। ପାର୍କ, ଫୁଲ ବଗିଚା, ଗୁମ୍ଫା ମଠ ଆଦି ବୁଲି ବହୁତ ମଜା ଲାଗିଲା। ତେବେ ଅଧିକ ଶୌଚାଳୟ ନିର୍ମାଣର ଆବଶ୍ୟକତା ରହିଛି।

-ହରପ୍ରିୟା ମାଝି, ପର୍ଯ୍ୟଟକ

## ନବବର୍ଷର ବନ୍ଧୁମିଳନ

ବାଲେଶ୍ୱର ଅଫିସ, ୧।୧

ବାଲେଶ୍ୱର ସହର ଏଡ଼ିଏମ୍ ଛକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ମାର୍ଗସ୍ଥିତ ସ୍ୱର୍ଗତ ଡା. ହରିଶ୍ଚନ୍ଦ୍ର ଜେନାଙ୍କ ବାସଭବନରେ ସରକାରୀ ମେଡ଼ିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୂଆବର୍ଷର ବନ୍ଧୁମିଳନ ଓ କମିଟିର ପ୍ରାକ୍ତନ ସଭାପତି ସ୍ୱର୍ଗତ ଡା. ଜେନାଙ୍କ ୮୯ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

କ୍ରିୟାନୁଷ୍ଠାନ କମିଟିର ନବନିର୍ବାଚିତ ସଭାପତି ନିରଞ୍ଜନ ପରିଡ଼ା ଅଧକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତ ଜେନା ଓ ତାଙ୍କ ସହଧର୍ମିଣୀଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିରେ ଉପସ୍ଥିତମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କମିଟି ପକ୍ଷରୁ ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ଶମ୍ଭୁନାଥ ମହାନ୍ତିଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶରତ କୁମାର ମହାପାତ୍ର, ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରଭାକର ସାହୁ, ରାଜକିଶୋର ଲେଙ୍କା, ଅକ୍ଷୟ କୁମାର ତ୍ରିପାଠୀ, ଶରତ ଚନ୍ଦ୍ର ଦଳାଇ, ନିରଞ୍ଜନ ରାଉତ, କୁମୁଦ ରଞ୍ଜନ ଗିରି, ଶଚୀନ୍ଦ୍ର ଦାସ, ଇଂ. ଡ. ହୃଷିକେଶ ସାହୁ, ଇଂ. ବନମାଳୀ ନାୟକ, ସୀତାରାମ ପ୍ରଧାନ, ସୁପର ପେଟ୍ରୋନ୍‌ସଭ୍ୟ ପୀତାମ୍ବର ପ୍ରଧାନ, ଲକ୍ଷ୍ମୀପ୍ରିୟା ଜେନା, ଶ୍ୟାମସୁନ୍ଦର ଜେନା, ମାତୃଦତ୍ତ ଦାସ, ପ୍ରଫୁଲ୍ଲ କୁମାର ଦାସ, ଡ. କେଶବ ଚରଣ ପଣ୍ଡା, ଅନୀଲ୍ ପଟ୍ଟନାୟକ ଓ ଡା. ସମାପିକା ପରିଡ଼ା ପ୍ରମୁଖ ସ୍ୱର୍ଗତ ଡା. ଜେନାଙ୍କ ବହୁମୁଖୀ ପ୍ରତିଭା ଓ ଜନକଲ୍ୟାଣକାରୀ କାର୍ଯ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

## ସମଲ ପଡ଼ିଆରେ ଖେଳାଯିବ ଫାଇନାଲ

କଣିହାଁ, ୧।୧ (ଡି.ଏନ.ଏ.)

କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ ଭୀମକାଣ୍ଡ ଖେଳ ପଡିଆ ଠାରେ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ନିଶାନ ମିଶ୍ର, ଏବିଡିଓ ହିମାଂଶୁ ନାୟକ ପ୍ରମୁଖ ଯୋଗଦାନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଗ୍ରୁପ (ଏ)ରେ ଥିବା ବିରୁ, ବଡଗୁଣ୍ଡୁରୀ, ବଡତ୍ରିବିଡା, ବଜ୍ରକୋଟ, ଗ୍ରୁପ (ବି)ରେ ଥିବା ବାଲିପଶି, ଅର୍କିଳ, ବୁରୁକୁନା ଓ ଗଣ୍ଡମଳା ପଞ୍ଚାୟତ ଟିମ୍ ଅଂଶଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ଦିନ ଶନିବାରରେ ଗ୍ରୁପ (ସି)ରେ ଡେରଙ୍ଗ, ଗଦାଶିଳା, ହନୁମାନପୁର, ହରିହରପୁର ଓ ଗ୍ରୁପ (ଡି)ରେ ଥିବା ଜରଡା, କାକୁଡିଆ, କମରେଇ ଓ କଣିହାଁ ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ରବିବାର ଗ୍ରୁପ (ଇ) ରେ ଥିବା କର୍ଣ୍ଣପାଳ, କୁଲେଇ, ସମଲ, ସାନତ୍ରିବିଡା, ଗ୍ରୁପ (ଏଫ୍) ରେ ଥିବା କୁଲୁମା, ରେଙ୍ଗାଳି, ଶୁଖୁବା, ତାଳପଦା ପଞ୍ଚାୟତ ଟିମ୍ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଫାଇନାଲ ନକଆଉଟ୍ ମ୍ୟାଚ ସମଲ ହାଇସ୍କୁଲ ଖେଳ ପଡିଆଠାରେ ଅନୁଷ୍ଠିତ ହେବ ବୋଲି ବ୍ଲକ ପ୍ରଶାସନ ଓ ଅଧକ୍ଷ ସୂଚନା ଦେଇଛନ୍ତି।



ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଝିଅକୁ ସମ୍ପତ୍ତି ଭାଗ ଦେବାକୁ ଚାହିଁବାରୁ ବାପାଙ୍କୁ ମାଡ଼

ସୋର, ୧।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ମାଣିପୁର ପଞ୍ଚାୟତ ରଣପୁର ଗ୍ରାମର ଗୌରାଙ୍ଗ ଦାସ (୮୮) ନାମକ ବୃଦ୍ଧ ତାଙ୍କ ସ୍ୱାମୀ ପରିତ୍ୟକ୍ତା ଝିଅକୁ ପୈତୃକ ସମ୍ପତ୍ତିରୁ କିଛି ଭାଗଦେବା ପାଇଁ ଇଚ୍ଛା ପ୍ରକାଶ କରିବାରୁ ବଡ଼ପୁଅ ଏହାକୁ ବିରୋଧ କରିବା ସହିତ ବାପା ଏବଂ ଝିଅଙ୍କୁ ମାଡ଼ ମାରି ଘରୁ ତଡ଼ିଦେଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଗୌରାଙ୍ଗଙ୍କ ଦୁଇ ପୁଅ। ବାପା ବଡ଼ପୁଅ ରତ୍ନାକର ଦାସଙ୍କ ପାଖରେ ରହୁଥିବା ବେଳେ ମା' ସାନ ପୁଅପାଖରେ ରୁହନ୍ତି। ତାଙ୍କର ଏକମାତ୍ର ଝିଅ ବାସନ୍ତୀ ବିବାହ ବିଚ୍ଛେଦ ଘଟିବା ପରେ ସ୍ୱାମୀ ପରିତ୍ୟକ୍ତା ହୋଇ କୋଲକାତାରେ ବାବୁ ବାଡ଼ିରେ କାମ କରୁଛନ୍ତି। ତାଙ୍କୁ ନିଜ ଜନ୍ମସ୍ଥାନରେ ଥଇଥାନ କରିବା ପାଇଁ ବାପା ଗୌରାଙ୍ଗ ନିଜ ସମ୍ପତ୍ତିରୁ କିଛି ଅଂଶ ଦେବା ପାଇଁ ଇଚ୍ଛା କରିବାରୁ ବଡ଼ ପୁଅ ରତ୍ନାକର ଏହାକୁ ବିରୋଧ କରିବା ସହିତ ଉଭୟ ବାପାଝିଅଙ୍କୁ ଗାଳି କରି ମାଡ଼ମାରି ଘରୁ ତଡ଼ିଦେବା ପରେ ବାପା ସୋର ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ତାଳଚେର ଯୁଥ୍ ସ୍ପୋର୍ଟିଂ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

କଣିହାଁ, ୧।୧ (ଡି.ଏନ.ଏ.)

କଣିହାଁ ବ୍ଲକ ସମଲ ବ୍ୟାରେଜ କ୍ରିକେଟ କ୍ଲବ ଦ୍ୱାରା ସମଲ ମିନି ଷ୍ଟାଡିୟମରେ ଆୟୋଜିତ ସମଲ ବ୍ୟାରେଜ ଚ୍ୟାଲେଞ୍ଜ କପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ତାଳଚେରର ଫ୍ରେଣ୍ଡସ କ୍ଲବ ଓ ଯୁଥ୍ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଫ୍ରେଣ୍ଡସ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୪୪ ରନ କରିଥିଲା। ଜବାବରେ ଯୁଥ୍ ସ୍ପୋର୍ଟିଂ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରି ଚାମ୍ପିୟନ ହୋଇଥିଲା। ଜଳଧର ବେହେରା ଓ ବଳରାମ ନାୟକ ଖେଳ ପରିଚାଳନା କରିଥିଲେ। ଜିତେନ୍ଦ୍ର ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ ତାଳଚେର ବିଧାୟକଙ୍କ ପ୍ରତିନିଧି ଭାବେ ଏୟୁସିସି ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଅନୁଗୋଳ ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ରଶ୍ମିତା ବେହେରା, ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, କୁଲେଇ ସରପଞ୍ଚ ଜ୍ୟୋସ୍ନାରାଣୀ ଗଡନାୟକ, ହରିହରପୁର ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବସନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ସମଲ ବ୍ୟାରେଜ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଆରମ୍ଭ ହେଲା ତ୍ୟାଗଭୂମି ମହୋତ୍ସବ

ଭଦ୍ରକ ଅଫିସ,୧।୧

ପୂର୍ବପୁରୁଷଙ୍କ ତ୍ୟାଗ ଓ ବଳିଦାନର କାହାଣୀକୁ ନେଇ ଭଦ୍ରକ ମାଟି ଗୌରବାନ୍ୱିତ। ରକ୍ତତୀର୍ଥ ଇରମ ଓ ଶହୀଦପୀଠ ଲୁଣିଆ ମାଟିର ଗୌରବର ଗାଥା ଇତିହାସ ପୃଷ୍ଠାରେ ଲିପିବଦ୍ଧ ରହିଛି ବୋଲି ରବିବାର ଭଦ୍ରକ ନେହେରୁ ଷ୍ଟାଡିୟମରେ ତ୍ୟାଗଭୂମି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଦିବସରେ କମିଟି ସଦସ୍ୟମାନେ ମହାତ୍ମା ଗାନ୍ଧୀ, ଡ. ହରେକୃଷ୍ଣ ମହତାବ, ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କବିଶେଖର ଚିନ୍ତାମଣି ମହାନ୍ତି ଓ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରକ୍ତତୀର୍ଥ ଇରମ ଓ ଶହୀଦପୀଠ ଲୁଣିଆରୁ ଦୁଇଟି ବିରାଟ ମଶାଲ ଶୋଭାଯାତ୍ରା, ବାଇକ୍ ରାଲି ସହର ପରିକ୍ରମା କରି ମହୋତ୍ସବସ୍ଥଳୀରେ ପହଞ୍ଚିଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ବରେଣ୍ୟ ଅତିଥି ବିଧାୟକ ସଞ୍ଜୀବ ମଲ୍ଲିକ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଉପାଧକ୍ଷ ମୁକୁନ୍ଦଦେବ ସାମଲ ପ୍ରମୁଖ ଯୋଗଦେଇ ଭଦ୍ରକର ତ୍ୟାଗ ଓ ସଂଗ୍ରାମ ବିଷୟରେ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ରଙ୍କୁ ତ୍ୟାଗଭୂମି ସମ୍ମାନରେ ସମ୍ମାନିତ କରାଯାଇଥିଲା। ତ୍ୟାଗଭୂମିସାଂସ୍କୃତିକସମ୍ମେଳନସଭାପତି ଅଜୟ ନାୟକ, ସମ୍ପାଦକ ଅଧିବକ୍ତା ଗଦାଧର ବଳ, ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ସଙ୍ଗଠନ ସମ୍ପାଦକ ସୁଧାକର ରାଉତ, ସହସମ୍ପାଦକ ଗୌରାଙ୍ଗ ବାରିକ, ପତ୍ରିକା ସମ୍ପାଦକ ଅଧାପକ ବିଶ୍ୱରଞ୍ଜନ ଦାସ, ଡ. ଅଭୟ କୁମାର ଦାସ, ପର୍ଶୁରାମ ଦ୍ୱିବେଦୀ, ଡ. ଝରଣା ପଟ୍ଟନାୟକ, ଅମରେନ୍ଦ୍ର ବିଶ୍ୱାଳ, ଅଧିବକ୍ତା ଦିବ୍ୟସିଂହ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଓଡ଼ିଶୀ ନୃତ୍ୟ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

## ଦୁର୍ଘଟଣାରେ ୩ ପର୍ଯ୍ୟଟକ ଗୁରୁତର

ପାଟଣା,୧।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରକୁ ବୁଲିବାକୁ ଯାଉଥିବା ଏକ କାର ବାଲିଯୋଡ଼ି ପ୍ରାଥମିକ ବିଦ୍ୟାଳୟ ନିକଟରେ ଭାରସାମ୍ୟ ହରାଇ କଲଭର୍ଟରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସମସ୍ତଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଗୁରୁତରମାନେ ହେଲେ ପାରାଦୀପର ଚିନ୍ମୟୀ ସ୍ୱାଇଁ(୨୪), କଟକର ସୂଚିସ୍ମିତା ସାମଲ, ଜ୍ୟୋତିରଞ୍ଜନ ନାଏକ। କାରରେ କଟକ ଓ ପାରାଦୀପ ଅଞ୍ଚଳରୁ ୫ ଜଣ ପର୍ଯ୍ୟଟକ ଥିଲେ। ସମସ୍ତେ ଘଟଗାଁରେ ମା' ତାରିଣୀଙ୍କ ଦର୍ଶନ କରି ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳକୁ ବୁଲିବାକୁ ଯାଉଥିଲେ। ଦୁର୍ଘଟଣା ପରେ ପର୍ଯ୍ୟଟକଙ୍କ ମନିପର୍ସ କେହି ନେଇଯାଇଥିବା ସେମାନେ ଅଭିଯୋଗ କରିଥିଲେ।

## ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ନବ ବର୍ଷ ପାଳିତ

କେନ୍ଦୁଝର,୧।୧(ଡି.ଏନ୍.ଏ)

କେନ୍ଦୁଝର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ବର୍ଷ ପାଳନ କରାଯାଇଛି। ସ୍ଥାନୀୟ ସାମନ୍ତରାୟପୁରସ୍ଥିତ ସେବାକେନ୍ଦ୍ର ପରିସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅନ୍ୟତମ ଅତିଥି ଭାବେ କେନ୍ଦୁଝର ବିଭାଜନ, ରେଳବାଇ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଆର.କେ. ମେହେର, ଅବସରପ୍ରାପ୍ତ ସିଡିଏମ୍‌ଓ ଭାରତୀ ବେହେରା ଯୋଗଦେଇ ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ସେବାକେନ୍ଦ୍ର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ ସ୍ୱାଗତ କରିଥିଲେ। ମୁକୁନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମାକୁମାରୀ ଜୟନ୍ତୀ ପରିଚାଳନା କରିଥିଲେ। ଝୁମ୍ପୁରା ତହସିଲଦାର ବ୍ରହ୍ମାକୁମାରୀ ପ୍ରତିଭା ପୃଷ୍ଟି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସମସ୍ତେ ଦ୍ୱୀପ ପ୍ରଜ୍ୱଳନ କରି ନୂତନ ବର୍ଷକୁ ସ୍ୱାଗତ କରିବା ସହ କେକ କାଟିଥିଲେ। ଜିଲାର ଅନ୍ୟତମ ବ୍ରହ୍ମାକୁମାରୀ ଗୀତା ପାଠଶାଳା ତଥା ଉପ ସେବାକେନ୍ଦ୍ରମାନଙ୍କରୁ ଭଉଣୀଭାଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ରୋଗୀଙ୍କୁ ରାସ୍ତାରେ ଛାଡ଼ି ପଳାଇଲା ଆମ୍ବୁଲାନ୍ସ

କେନ୍ଦୁଝର,୧।୧(ସ୍ୱ.ପ୍ର)

ବିଳମ୍ବିତ ରାତିରେ ଜଣେ ରୋଗୀଙ୍କୁ କଟକରୁ ଆଣି ଆମ୍ବୁଲାନ୍ସ ଅଧା ରାସ୍ତାରେ ଛାଡ଼ି ପଳାଇଥିଲା। ରୋଗୀଙ୍କ ସମ୍ପର୍କୀୟ ଏକ ଭଡ଼ା ଗାଡ଼ି କରି ରୋଗୀଙ୍କୁ ନେଇ ଘରକୁ ଫେରିଥିବା କହିଛନ୍ତି। ଏହି ଘଟଣାକୁ ରୋଗୀଙ୍କ ପରିବାର ଅସନ୍ତୋଷ ପ୍ରକାଶ କରିବା ସହ ତଦନ୍ତ ଦାବି କରିଛନ୍ତି। ଘଟଣା ଏବେ କେନ୍ଦୁଝର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦୁଝର ସଦର ବ୍ଲକ୍ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡ୍ରକାପ ଗ୍ରାମର ଆକାଶ ମହାନ୍ତ ରୋଗରେ ଆକ୍ରାନ୍ତ ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରୁ କଟକ ଏସ୍‌ସିବିକୁ ଜିଲା ଖଣିଜପାଣ୍ଠିରୁ ସଞ୍ଜିବନୀ ଜରିଆରେ ଯାଇଥିଲେ। ସେଠାରେ ଚିକିତ୍ସିତ ହୋଇ ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଡିସ୍‌ଚାର୍ଜ ହୋଇ ଡିଏମ୍‌ଏଫ ଆମ୍ବୁଲାନ୍ସ ଯୋଗେ ଘରକୁ ଶୁକ୍ରବାର ଫେରୁଥିଲେ। ଆମ୍ବୁଲାନ୍ସ କର୍ମଚାରୀ ତାଙ୍କ ଚିଠା ଅନୁସାରେ ରୋଗୀଙ୍କ ଘରେ ପହଞ୍ଚାଇବା ପରିବର୍ତ୍ତେ ବିଳମ୍ବିତ ରାତିରେ କେନ୍ଦୁଝର ବଜାର ଉପରେ ଓହ୍ଲାଇ ଦେଇଥିଲେ। ଫଳରେ ରୋଗୀ ଓ ପରିବାର ଲୋକେ ଅନ୍ୟ ଏକ ଗାଡ଼ି ଭଡ଼ା କରି ଘରକୁ ଫେରିଥିଲେ।



ରୋଗୀଙ୍କ ପାଖରେ ତାଙ୍କ ସମ୍ପର୍କୀୟ।

### ତଦନ୍ତ ଦାବିକଲେ ପରିବାର ଲୋକେ

ଏଥିପ୍ରତି ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏନେଇ ସିଡିଏମଓ ଡାକ୍ତର କୈଳାସଚନ୍ଦ୍ର ପୃଷ୍ଟି କହିଛନ୍ତି, ସଞ୍ଜୀବନୀ ସେବା ମୃତଦେହ ଆଣିବା ପାଇଁ ରହିଛି। ତେବେ ନିବେଦନ କଲେ ସେମାନେ ରୋଗୀଙ୍କୁ ପଠାଇ ଦେଉଛନ୍ତି। ଏଣୁ ଘଟଣା ଅନୁଧ୍ୟାନ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଥିଲେ। ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ଏଭଳି ରାସ୍ତା ଅଧରେ ରୋଗୀଙ୍କୁ ଆଣି ଛାଡ଼ିଲେ ଗରିବ ଲୋକ କିପରି ଘରକୁ ଯିବେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଲିଙ୍କ୍ ପଠାଇ ନେଇଗଲେ ଲକ୍ଷେ ଟଙ୍କା

**ଅନୁଗୋଳ ଅଫିସ, ୧୧:** ଅନୁଗୋଳ ଜିଲା ତାଳଚେର ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲାର ଶରତ ଚନ୍ଦ୍ର ମହାନ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୧୨ ହଜାର ୮୬୯ ଟଙ୍କା ଉଠାଇ ନିଆଯାଇଛି। ଏ ନେଇ ଶରତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଶରତଙ୍କ ନିକଟକୁ ଏକ ଘରୋଇ ବ୍ୟାଙ୍କର କ୍ରେଡିଟ୍ କାର୍ଡ ଆସିଥିଲା। ସେ ମୋବାଇଲରେ ଆପ୍ ଲୋଡ୍ କରି ପିନ ଜେନେରେଟ କରୁଥିଲେ। ଏହି ସମୟରେ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଠକ ଜଣଙ୍କ ତାଙ୍କୁ ଲିଙ୍କ୍ ପଠାଇ ସେଥିରେ କ୍ଲିକ୍ କରିବାକୁ କହିଥିଲେ। ଶରତ ଏପରି କରିବା ପରେ ତାଙ୍କ ଆକାଉଣ୍ଟରୁ ୪ଟି ପର୍ଯ୍ୟାୟରେ ଲକ୍ଷାଧିକ ଟଙ୍କା କଟିଯାଇଥିଲା।



ନବବର୍ଷରେ ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ରବିବାର ସକାଳେ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଭକ୍ତମାନଙ୍କ ଭିଡ଼।



ମନ୍ଦିର ଭିତରେ ତିନି ଠାକୁରଙ୍କୁ ଭକ୍ତମାନେ ଦର୍ଶନ କରୁଛନ୍ତି। (ଫଟୋ- ବୁବୁ)

# ବିକାଶ ପାଇଁ ସହଯୋଗ ଦେବାକୁ ପରାମର୍ଶ

**ବଇଣ୍ଡା, ୧୧ (ଡି.ଏନ.ଏ.)**

ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଅନେକ ଗ୍ରାମ ଏବେ ବି ବିକାଶ ଠାରୁ ଦୂରରେ ରହିଛି। ସମସ୍ତେ ଏକଜୁଟ ହୋଇ ଆଠମଲ୍ଲିକ ଉପଖଣ୍ଡର ବିକାଶ ଦିଗରେ ଧ୍ୟାନ ଦେଲେ ଓଡ଼ିଶାର ବିକାଶ ହୋଇପାରିବ। ଆଠମଲ୍ଲିକର ଦେଉଳଝରୀଠାରେ 'ଆଠମଲ୍ଲିକ ସମସ୍ୟା ଓ ସମାଧାନ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ବୁଦ୍ଧିଜୀବୀମାନେ ଏହି ମତ ପ୍ରକାଶ କରିଛନ୍ତି। ପ୍ରଫେସର ନନ୍ଦ କିଶୋର ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା ଯୋଗଦେଇ ଥିବାବେଳେ ଅନ୍ୟତମ ଅତିଥି ଭାବେ ଡ. ଅରୁଣ କୁମାର ପ୍ରଧାନ, ଡ. ସଞ୍ଜୁ ହାସିନୀ ସାହୁ, ଶିକ୍ଷାବିତ୍ ପୀତାମ୍ବର ବିଶ୍ୱାଳ, ଡ. କୀର୍ତ୍ତି ଭୂଷଣ ପ୍ରଧାନ, ପ୍ରବୀଣ କୁମାର ସାହୁ, ନମିତା ପ୍ରଧାନ, କୃଷକ ନେତା ଦେବେନ୍ଦ୍ର ପ୍ରଧାନ, ଡ. ଅଲେଖ ପ୍ରଧାନ, ରବୀନ୍ଦ୍ର କୁମାର ପ୍ରଧାନ, ରମାନନ୍ଦ ପାଣିଗ୍ରାହୀ, ଚିତ୍ତରଞ୍ଜନ ତ୍ରିପାଠୀ, ବୀରେନ କୁମାର ମିଶ୍ର ଯୋଗଦେଇ ଆଠମଲ୍ଲିକ ଅଞ୍ଚଳରେ ଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସମସ୍ତଙ୍କ ସହଯୋଗରେ କିଭଳି ଆଠମଲ୍ଲିକ ଆଗେଇବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନିରଞ୍ଜନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

# ୫ରେ ଛେଣ୍ଡିପଦା ମହୋତ୍ସବ



ବୈଠକରେ ବିଧାୟକଙ୍କ ସମେତ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଛେଣ୍ଡିପଦା,୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ତ୍ରିବିକ୍ରମ କୁମୁରାଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହ ଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ତହସିଲଦାର ଡାନିଏଲ ଏକ୍କା, ଥାନା ଅଧିକାରୀ ଧୀରେନ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ୍. ନୈବେଦ୍ୟ ଲଲାଟେନ୍ଦୁଙ୍କ ସମେତ ସମସ୍ତ ନିର୍ବାଚିତ ଜିଲା ପରିଷଦ, ପଞ୍ଚାୟତ ପ୍ରତିନିଧି ଯୋଗଦେଇ ମହୋତ୍ସବକୁ ସଫଳ କରିବା ନିମନ୍ତେ ଆଲୋଚନା କରିଥିଲେ। ଏହି ମହୋତ୍ସବ ଆସନ୍ତା ୫ ତାରିଖରୁ ଆରମ୍ଭ ହେବ। ଏଥିରେ ପଥ ମହୋତ୍ସବ, ଲୋକକଳା ମହୋତ୍ସବ ସହ କଳାକାର ସହାୟତା ପାଇଁ ଆବେଦନ କରାଯାଇଥିବା କଳାକାରମାନଙ୍କ ଅଡିଶନ କରାଯିବ। ଏଥିସହିତ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଲୋକକଳା ମହୋତ୍ସବରେ ବ୍ଲକରେ ଥିବା କଳା ସାଂସ୍କୃତିକ ସଂଘ ସହ ଅନୁବନ୍ଧିତ ବିଭିନ୍ନ ପ୍ରକାର ଲୋକକଳାର ୨ଟି ଦଳ ଭାଗ ନେଇପାରିବେ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଆବେଦନ କରିଥିବା ୮୯୮ କଳାକାରଙ୍କ ଅଡିଶନ କରାଯାଇ ଯୋଗ୍ୟ ବିବେଚିତଙ୍କୁ ଭତ୍ତା ପାଇବା ପାଇଁ ଜିଲା ପ୍ରଶାସନ ନିକଟକୁ ସୁପାରିସ କରାଯିବ। ଏହି ବୈଠକରେ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ନଗେନ ପ୍ରଧାନ ଓ ଯଶୋବନ୍ତ ପ୍ରସାଦ ବେହେରା, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ଟାଙ୍ଗିର ସରପଞ୍ଚ ଅମରେଶ କୁମାର ନାଥ, ସୁଶାନ୍ତ କୁମାର ସାହୁ ଓ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସମେତ ବିଭିନ୍ନ ବଜାର କମିଟିର ସଦସ୍ୟ ଯୋଗଦେଇ ସେମାନଙ୍କ ମତ ରଖିଥିଲେ।

# 'ମାଟି ପାଇଁ ସମସ୍ତେ କାର୍ଯ୍ୟ କରନ୍ତୁ'

**ଅନୁଗୋଳ ଅଫିସ, ୧୧**

ଅନୁଗୋଳସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଏକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ମିନତୀ ଏଥିରେ ସଭାପତିତ୍ୱ କରି ବିଶ୍ୱ କଲ୍ୟାଣ ପାଇଁ ସେବାରେ ବିନମ୍ରତା ପୋଷଣ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ତାମଡାର ପୂର୍ବତନ ଅଧ୍ୟକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ ଯୋଗଦେଇ ଅହଙ୍କାର ତ୍ୟାଗ କରି ମା' ମାଟି ପାଇଁ ସମସ୍ତ ଅନୁଷ୍ଠାନ କାର୍ଯ୍ୟ କଲେ ସଂସାର ସୁନ୍ଦର ହୋଇଯିବ ବୋଲି କହିଥିଲେ। ୧୪ନଂ. ୱାର୍ଡ କାଉନସିଲର ସୁଲୋଚନା ଦ୍ୱିବେଦୀ ଯୋଗଦେଇ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରିଥିଲେ। ପତଞ୍ଜଳି ଯୋଗ ଗୁରୁ ଅଭୟ ରାୟ ଯୋଗଦେଇ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଖେଳାଳି ପ୍ରକାଶ କୁମାର ଗଡ଼ନାୟକ, ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା'ର ଅଭିନେତ୍ରୀ ରୂପାମ୍ବିକା ନାୟକ ଓ ଶିଶୁ କଣ୍ଠଶିଳ୍ପୀ ତେଜସ୍ୱିନୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସୁଦର୍ଶନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

# କଂଗ୍ରେସ ପକ୍ଷରୁ ଶୁଖିଲା ଖାଦ୍ୟ ପ୍ରଦାନ

**ଅନୁଗୋଳ ଅଫିସ, ୧୧**

କଂଗ୍ରେସ ଦଳର ପ୍ରତିଷ୍ଠା ଦିବସ ଏବଂ ନୂତନ ବର୍ଷ ଅବସରରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଓ ଅନୁଗୋଳ ଜିଲା ସଭାପତି ବିପ୍ଳବ ଜେନାଙ୍କ ପରାମର୍ଶ କ୍ରମେ ପଲା ଗ୍ରାମବାସୀଙ୍କୁ ଶୀତବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସ୍ୱାଧୀନତାର ୭୫ବର୍ଷ ପରେ ମଧ ଏହି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଜିଲା ଓବିସି ସେଲ୍ ସଭାପତି ପ୍ରବୋଧ ସ୍ୱାଇଁଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପା, ଓବିସି ସେଲ ନଗର ସଭାପତି ଭଗବାନ ମହାନ୍ତି, ଯୁବ କଂଗ୍ରେସ ଉପ ସଭାପତି ଅଭିଷେକ ନାୟକ, ସଂଗ୍ରାମ ବେହେରା, ସୋଭିନ ପାଲ, ଛାତ୍ର କଂଗ୍ରେସ ନେତା ତୁଷାର କାନ୍ତ ପ୍ରଧାନ, ସୌମ୍ୟ ରଞ୍ଜନ ବେହେରା, ଭକ୍ତି ପ୍ରସାଦ ନାୟକ, ମନତ ରାଉତ, ଶୁଭମ ସାହୁ, କାଳିଆ ବିଶ୍ୱାଳ, ଚନ୍ଦନ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କଂଗ୍ରେସ କର୍ମକର୍ତ୍ତାମାନେ ଗ୍ରାମର ପିଲାମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରୁଛନ୍ତି।

# ମେଳା ପୂର୍ବରୁ ସରିବ ଉନ୍ନତୀକରଣ କାର୍ଯ୍ୟ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସାଧୁମାନେ।

## ମାଘମେଳା, ମହିମା ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ

**ଅନୁଗୋଳ ଅଫିସ, ୧୧**

ଅନୁଗୋଳସ୍ଥିତ ଅଙ୍ଗାରବନ୍ଧ ମହିମା ଧାମରେ ମାଘମେଳା ଓ ମହିମା ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ମାଘମାସ ଶୁକ୍ଳପକ୍ଷ ତ୍ରୟୋଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ମାଘମେଳା ଓ ଫେବୃୟାରୀ ୩ରୁ ୭ ତାରିଖ ପର୍ଯ୍ୟନ୍ତ ମହିମା ମହୋତ୍ସବ ପାଳନ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ଏହି ବୈଠକରେ ଅଲେଖ ମହିମା ଧାମ ସଭାପତି ଲୋକନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସାଧୁ ମୁରଲୀଧର ଦାସ, ବିଦ୍ୟାଧର ଦାସ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ରତେଶ ଜେନା, ସମ୍ପାଦକ ସନ୍ତୋଷ କୁମାର ଦେହୁରୀ, କୋଷାଧ୍ୟକ୍ଷ ବିଜ୍ଞାନ କୁମାର ବେହେରା, ମନ୍ଦିର ପରିଚାଳନା ସଭାପତି ବିଦ୍ୟାଧର ସାହୁ, ଭିକାରୀ ନାଏକ, ଦେବରାଜ ସାହୁଙ୍କ ସମେତ କୁଲାଡ, ବନ୍ଦା, ଖଣିବେରେଣୀ, ସାକୋସିଂହା, କୋଶଳା, ମାଙ୍ଗିଯୋଡ଼ି, ସାରଙ୍ଗପୁର, ବାଦିବାହାଳ, ଖଲାରି ଅଞ୍ଚଳର ଭକ୍ତମାନେ ଉପସ୍ଥିତ ଥିଲେ। ମେଳା ପୂର୍ବରୁ ମନ୍ଦିରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଶେଷ କରିବା ସହିତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହିତ ସମ୍ବଲପୁର-ଶାଲିମାର ଟ୍ରେନ୍‌କୁ ମହିମା ଗୋସାଇଁଙ୍କ ନାମରେ ନାମିତ କରାଯାଇଥିବାରୁ ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ସାର୍ଥକଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ

**ଅନୁଗୋଳ ଅଫିସ, ୧୧**

'ପର୍ସନାଲ ମ୍ୟାନେଜମେଣ୍ଟ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିଲେସନ୍ସ' ସ୍ନାତକୋତ୍ତର ପାଠ୍ୟକ୍ରମରେ ସର୍ବୋଚ୍ଚ ଅଙ୍କ ଓ ସର୍ବାଧିକ ସିଜିପିଏ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବଲାଙ୍ଗୀରର ସାର୍ଥକ ପ୍ରଧାନଙ୍କୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ମିଳିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଭବନଠାରେ ଅନୁଷ୍ଠିତ ୫୨ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ତଥା କଳାଧିପତି ପ୍ରଫେସର ଗଣେଶୀ ଲାଲ ସାର୍ଥକଙ୍କୁ ଏହି ପଦକ ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ସୁପ୍ରିମକୋର୍ଟର ମାନ୍ୟବର ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବ ମୁଖ୍ୟ ବିଚାରପତି ଭି. ଗୋପାଳ ଗୌଡ଼, କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଉଚ୍ଚଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ମାନବ ସମ୍ବଳ ବିଭାଗରେ କାର୍ଯ୍ୟରତ ସାର୍ଥକ ହେଉଛନ୍ତି ବଲାଙ୍ଗୀର ମନୋହରପୁର ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିରାଟ କେଶରୀ ପ୍ରଧାନ ଓ ମାତା ସ୍ନେହଲତା ପ୍ରଧାନଙ୍କ ପୁତ୍ର।



ରାଜ୍ୟପାଳଙ୍କ ଠାରୁ ସମ୍ମାନ ଗ୍ରହଣ କରୁଛନ୍ତି ସାର୍ଥକ ପ୍ରଧାନ।

# ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ

**ଛେଣ୍ଡିପଦା,୧୧ (ସ୍ୱ.ପ୍ର.)**

ଛେଣ୍ଡିପଦା ମେଡିକାଲଛକ ଠାରେ ନିର୍ମାଣ ହୋଇଥିବା ନୂତନ ବସ୍‌ଷ୍ଟାଣ୍ଡ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଡାନିଏଲ ଏକ୍କା, ବିଡିଓ ତ୍ରିବିକ୍ରମ କୁମରା, ଥାନା ଅଧିକାରୀ ଧୀରେନ କୁମାର ବେହେରା, ସମ୍ପ୍ରସାରଣ ଅଧିକାରୀ ଏସ. ନୈବେଦ୍ୟ ଲଲାଟେନ୍ଦୁ, ଛେଣ୍ଡିପଦା ଗ୍ରାମ କମିଟି ସଭାପତି ଚନ୍ଦ୍ରମଣି ପ୍ରଧାନ, ଜିଲାପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବଣିକ ସଂଘ ସଭାପତି ଦଣ୍ଡଧର ଦେହୁରୀ, ସମ୍ପାଦକ ଟଙ୍କଧର ବେହେରା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ବସ୍ ମାଲିକ ସଂଘର ମନୋଜ କୁମାର ଆଚାର୍ଯ୍ୟ, ବୁଦ୍ଧଦେବ ପ୍ରଧାନ, ବାବୁଲି ଆଚାର୍ଯ୍ୟ, ଉମେଶ ପ୍ରଧାନ, ମାଧବ ଚନ୍ଦ୍ର ସାହୁଙ୍କ ସମେତ ବହୁ ବସ୍ ମାଲିକ ଓ ଜନସାଧାରଣ ସହଯୋଗ କରିଥିଲେ।



ଅତିଥିମାନେ ବସ୍‌ଷ୍ଟାଣ୍ଡକୁ ଉଦ୍‌ଘାଟନ କରୁଛନ୍ତି।

# ପରେଡ୍‌ରେ ସ୍ଥାନପାଉ ପ୍ରଜ୍ଞାପନ ମେଢ଼

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ପ୍ରସ୍ତାବ

**ଆଠମଲ୍ଲିକ, ୧୧ (ଡି.ଏନ.ଏ.)**



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କ ସହ ଅନ୍ୟମାନେ।

ଆଠମଲ୍ଲିକ ଉପଖଣ୍ଡ ତହସିଲ ସଭା ଗୃହଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା ଅଧ୍ୟକ୍ଷତା କରିଥିଲେ। ଆସନ୍ତା ସାଧାରଣତନ୍ତ୍ର ଦିବସକୁ ଶୃଙ୍ଖଳିତ ତଥା ସୁନ୍ଦର ଭାବେ ପାଳନ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧି, ଉପଖଣ୍ଡସ୍ତରୀୟ ସମସ୍ତ ଅଧିକାରୀ ଓ ବିଭିନ୍ନ ମହାବିଦ୍ୟାଳୟ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପ୍ରସ୍ତାବ ଦେବା ପାଇଁ ଉପଜିଲାପାଳ କହିବା ସହିତ ସହଯୋଗ ଲୋଡ଼ିଥିଲେ। ବିଶେଷକରି ସ୍କୁଲ ଓ କଲେଜସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନେ କିପରି ସୁବିଧାରେ ଭାଗ ନେଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପରେଡରେ ସାମିଲ କରିବାକୁ ପ୍ରସ୍ତାବ ଦିଆ ଯାଇଥିଲା। ସମସ୍ତ ପ୍ରସ୍ତାବ ଶୁଣିଲା ପରେ ଉପଜିଲାପାଳ ସୁନା ଆଗାମୀ ଦିନରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଯଶୋବନ୍ତ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଡି, ସିଆରସିସି ତିଲୋତ୍ତମା ସାହୁ, କିଶୋରନଗର କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ଠାକୁରଗଡ଼ କଲେଜ ଅଧ୍ୟକ୍ଷା ପ୍ରତିମା ବାଘ, ମାଧପୁର କଲେଜ ଅଧ୍ୟାପକ ସୁଶାନ୍ତ ଶେଖର ମଙ୍ଗରାଜ, ବିନୟ କୁମାର ପଟ୍ଟନାୟକ, ବିଶ୍ୱମ୍ବର ବେହେରା, ଉଦୀପ୍ତ ପୁରୋହିତ, କମଳାକାନ୍ତ ମିଶ୍ର, ଆଭାସ କୁମାର ଖେଟୀ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର କୁମାର ମିଶ୍ର, ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ ତଥା ଲୋକ ସମ୍ପର୍କ ଅଧିକାରୀ ବିବରଣୀ ପାଠ କରିଥିଲେ। ତହସିଲଦାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

ଛେଣ୍ଡିପଦା, ୧୧ (ସ୍ୱ.ପ୍ର.): ଛେଣ୍ଡିପଦା ଥାନା ଭଟପାଳ ନିକଟରେ ରବିବାର ମୋଟର ସାଇକେଲରୁ ପଡି କର୍ଣ୍ଣପାଳ ଗ୍ରାମର କୀର୍ତ୍ତନ ବେହେରା ଗୁରୁତର ହୋଇଛନ୍ତି। ସେ ଖମାର ଅଭିମୁଖେ ଝିଅ ସହିତ ମୋଟର ସାଇକେଲରେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଝିଅର କୌଣସି କ୍ଷତି ହୋଇ ନ ଥିବା ବେଳେ କର୍ଣ୍ଣ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

### ସଂକ୍ଷେପରେ

## ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

ବଇଣ୍ଡା, ୧୧ (ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡାଠାରେ ଚାଲିଥିବା ଗାୟତ୍ରୀ ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର କଳସ ଯାତ୍ରା କରାଯିବା ପରେ ଏହି ଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ମୀନକେତନ ପାତ୍ର ଯୋଗଦେଇ ଗାୟତ୍ରୀ ମହାଯଜ୍ଞ ଉପରେ ପ୍ରବଚନ ଦେଇଥିଲେ। ସରପଞ୍ଚ ଦୀପ୍ତିମୟୀ ସାହୁ ଓ ତାଙ୍କ ସ୍ୱାମୀ ମାନସ ସାହୁ କର୍ତ୍ତା ସାଜିଥିଲେ। ଆଖ ପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଥିବାବେଳେ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ ଉପସ୍ଥିତ ଥିଲେ। ବସନ୍ତ କୁମାର ଗଡ଼ନାୟକ, ମାନସ ରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ସାହୁ ସହଯୋଗ କରିଥିଲେ।



# ବ୍ଲାକସ୍ପଟ୍‌ରେ ସାଇନେଜ୍ ଲଗାଅ

- ସମ୍ପ୍ରସାରଣ ବିଳମ୍ବ, ଏନ୍‌ଏଚ୍ ୫୫ରେ ବଢୁଛି ଦୁର୍ଘଟଣା
- ଯତ୍ନବାନ ହେବାକୁ ଜିଲାପାଳଙ୍କ ପରାମର୍ଶ

ଢେଙ୍କାନାଳ ଅଫିସ, ୧୧

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପୂର୍ତ୍ତ ବିଭାଗ ପକ୍ଷରୁ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଅଧ୍ୟକ୍ଷତା କରି କହିଲେ, ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବିଳମ୍ବ ଯୋଗୁ ଦୁର୍ଘଟଣା ବଢୁଛି। ଏହି ସଡ଼କରେ ଚିହ୍ନଟ ହୋଇଥିବା ୪୬ ବ୍ଲାକସ୍ପଟ୍‌ରେ ସାଇନେଜ୍ ଲଗାଇବା ସହ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ପକ୍ଷରୁ କର୍ମଚାରୀଙ୍କୁ ନିୟୋଜିତ କରିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ରେ ଯେପରି ୫୦% ଦୁର୍ଘଟଣା ହ୍ରାସ ପାଇବ ସେଥିଲାଗି ଯତ୍ନବାନ ହେବା ଏବଂ ସଡ଼କ ସଚେତନତା କାର୍ଯ୍ୟକ୍ରମ ବଢ଼ାଇବା ଲାଗି ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲାରେ ବୃଦ୍ଧି ପାଉଥିବା ଦୁର୍ଘଟଣାକୁ ନେଇ ମୁଖ୍ୟ ଶାସନ ସଚିବ କ୍ଷୋଭ ବ୍ୟକ୍ତ କରିଥିବା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର କହିଥିଲେ। ଏନ୍‌ଏଚ୍ ସମେତ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ନିର୍ମାଣ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ସ୍କୁଲ ସମ୍ମୁଖରେ ପିଲାଙ୍କ ସୁରକ୍ଷା ପାଇଁ ସାଇନେଜ୍ ଲଗାଯିବ। ଦୁର୍ଘଟଣାପ୍ରବଣ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ସମ୍ମୁଖରେ ଅନୁରୂପ ବ୍ୟବସ୍ଥା କରାଯିବ। ଟ୍ରାଫିକ୍ ପରିଚାଳନା ଲାଗି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବେପରୁଆ ଗାଡ଼ିଚାଳନା ଦୁର୍ଘଟଣାର ଅନ୍ୟତମ କାରଣ। ଏଣିକି ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲମେଟ୍ ଓ ସିଟ୍‌ବେଲ୍ଟ, କାଗଜପତ୍ର ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଡିସେମ୍ବରରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇ ୭ଲକ୍ଷ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ସୂଚନା ଦେଇଛନ୍ତି।

ଢେଙ୍କାନାଳ ରଥଗଡ଼ାରେ ରାସ୍ତାପାର୍ଶ୍ୱ ବ୍ୟବସାୟୀଙ୍କ ପାଇଁ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ଲାଗି ଉପଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ସିମିଳଇ-ଚାଇଁପୁର-ଝାରଗାଡ଼ିଆ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା ଲାଗି ପ୍ରସ୍ତାବ ଦିଆଯାଇଥିବାବେଳେ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବାକୁ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ ପରାମର୍ଶ ଦେଇଛନ୍ତି। ଏଣିକି ଜାତୀୟ ରାଜପଥର ପ୍ରତି ୫୦ କିଲୋମିଟର ବ୍ୟବଧାନରେ ଗୋଟିଏ ଟ୍ରମା ସେଣ୍ଟର ଖୋଲିବ। ଏଥିଲାଗି କେନ୍ଦ୍ରୀୟ ପ୍ରତିନିଧି ଦଳ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିବା ଏମ୍‌ଭିଆଇ ଦେବାଶିଷ ସ୍ୱାଇଁ ସୂଚନା ଦେଇଥିଲେ। ବୈଠକରେ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳଙ୍କ ସମେତ ସଡ଼କ ସୁରକ୍ଷା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ୧୧ ମାସରେ ୩୮୩ ଦୁର୍ଘଟଣା, ୧୮୫ ମୃତ

୨୦୨୨ ଜାନୁୟାରୀରୁ ନଭେମ୍ବର ଅର୍ଥାତ୍ ୧୧ ମାସ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ୩୮୩ଟି ଦୁର୍ଘଟଣା ଘଟି ୧୮୫ ଜଣଙ୍କ ଜୀବନ ଯାଇଛି। ୩୦୩ ଜଣ ଗୁରୁତର ହୋଇଛନ୍ତି। କେବଳ ନଭେମ୍ବରରେ ୩୮ଟି ଦୁର୍ଘଟଣାରେ ୨୨ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୧ରେ ୩୬୭ ଦୁର୍ଘଟଣା ଘଟି ୧୩୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୬୮ ଜଣ ଗୁରୁତର ହୋଇଥିଲେ। ସେହିପରି ୨୦୨୦ରେ ୩୦୨ ଦୁର୍ଘଟଣା ଘଟି ୧୩୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୩୬ଜଣ ଗୁରୁତର ଆହତ ହୋଇଛନ୍ତି। ବର୍ଷକୁ ବର୍ଷ ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ପାଲଟିଛି।

## ଆହୁରି ବିଳମ୍ବିତ ହେବ ୫୫ନଂ. ରାଜପଥ ସମ୍ପ୍ରସାରଣ

କଟକରୁ ଢେଙ୍କାନାଳ ଦେଇ ଅନୁଗୋଳକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ୨୦୨୩ ଜୁନ୍ ସୁଦ୍ଧା ଶେଷ ହେବ। ବ୍ରିଜ୍, ଓଭରବ୍ରିଜ୍, ହାତୀ ଚଲାପଥକୁ ବାଦ୍ ଦେଇ ଅବଶିଷ୍ଟ କାମ ମାର୍ଚ୍ଚ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ନେଇ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଅଦାଲତରେ ଆଫିଡେଫିଟ୍ ଦାଖଲ କରିଛନ୍ତି। ପୂର୍ବରୁ ୨୦୨୨ ଶେଷ ସୁଦ୍ଧା ୫୫ନଂ. ଏନ୍‌ଏଚ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଗୋଳରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସୂଚନା ପରେ ଜାତୀୟ ରାଜପଥ କାମ ଆହୁରି ବିଳମ୍ବିତ ହେବ ବୋଲି ସ୍ପଷ୍ଟ ହୋଇଛି।

## ରୁଦ୍ରାନ୍ତ କୈବର୍ତ୍ତ ମହାସଭା ଜିଲା ସଭାପତି

ଢେଙ୍କାନାଳ ଅଫିସ, ୧୧

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ନୂଆପୋଖରୀ ନିକଟ ସଙ୍ଗଠନର ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ରାଜନ ବେହେରା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଗତବର୍ଷର ଆୟବ୍ୟୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଯୋଗଦେଇଥିବା ୮ ବ୍ଲକର ସଭାପତିଙ୍କ ମତାମତ ଅନୁଯାୟୀ ରୁଦ୍ରାନ୍ତ ଦଳେଇଙ୍କୁ ଜିଲା ସଭାପତି ଭାବେ ଚୟନ କରାଯାଇଛି। କାର୍ଯ୍ୟକାରୀ ସଭାପତି ଭାବେ ନାରାୟଣ ସାହୁ, ଉପସଭାପତି କରୁଣାକର ଦଳେଇ, ଉଗ୍ରସେନ ବେହେରା, ସମ୍ପାଦକ ଡ. ଚନ୍ଦନ ମହାଳିକ, ସହସମ୍ପାଦକ ଚିତ୍ତରଞ୍ଜନ ବେହେରା, କୋଷାଧ୍ୟକ୍ଷ ଟଙ୍କଧର ବେହେରା, ଉପଦେଷ୍ଟା ରାଜନ ବେହେରା, ଲକ୍ଷ୍ମଣ ପରିଡ଼ା, ଗୌରାଙ୍ଗ ବେହେରା, ମଦନ ମୋହନ ବେହେରା, ହଳଧର ମହାଳିକ, କୈଳାସ ସେଠ, କାଠିଆ ମହାଳିକ, ସଙ୍ଗଠନ ମହାସଚିବ ଦୀପ୍ତିରଞ୍ଜନ ମହାଳିକ, କାର୍ଯ୍ୟକାରୀ ସଦସ୍ୟ ଭାବେ ଶିଶିର ଦଳେଇ, ତରୁଣ ବେହେରା, ଗଣେଶ୍ୱର ବାରିକ, ଆନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଅଶୋକ ଦଳେଇ, ସନ୍ତୋଷ ଦଳେଇ, ଚନ୍ଦ୍ରମଣି ବେହେରା, ଅରୁଣ ପରିଡ଼ା, ବିରଞ୍ଚି ବେହେରା ପ୍ରମୁଖ ଚୟନ ହୋଇଥିଲେ। ଏହି ଉପଲକ୍ଷେ ନୂତନ ସଭାପତି ନିଜ ଅଭିଭାଷଣରେ କହିଲେ, ଜାତି ବଞ୍ଚିଲେ ଦେଶ ବଞ୍ଚିବ। ଏକାଠି ହେବାକୁ ମା’ ସିଦ୍ଧ ବାସେଳୀଙ୍କ ପୀଠରେ ସେ ସମସ୍ତଙ୍କୁ ଶପଥପାଠ କରାଇଥିଲେ।


ବୈଠକରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର କର୍ମକର୍ତ୍ତାମାନେ।

## ସୁସ୍ଥତା ପାଇଁ ସ୍ୱଚ୍ଛତା ଅପରିହାର୍ଯ୍ୟ

ପରଜଙ୍ଗ, ୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶନିବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଶିବାନୀ ଶୁଭଦର୍ଶିନୀ ନାୟକଙ୍କ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛ ପରିବେଶ ସୁସ୍ଥ ଜୀବନର ମୂଳମନ୍ତ୍ର। ଶାରୀରିକ ସୁସ୍ଥତା ପାଇଁ ସ୍ୱଚ୍ଛତା ଅପରିହାର୍ଯ୍ୟ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ କହିଥିଲେ। ଡାକ୍ତର ଆଲୋକ ସାସ୍ମଲ, ଡା. ଅରୁଣ ସାହୁ, ବିପିଏମ୍ ଲିଙ୍ଗରାଜ ମହାପାତ୍ର, କୋଷାଧ୍ୟକ୍ଷ ଅଶ୍ୱିନୀ ମିଶ୍ର, ମ୍ୟାଲେରିଆ ପରିଦର୍ଶକ ଅଶୋକ ନାଥ, ପିଏଚ୍‌ଇଓ କବିତା ସ୍ୱାଇଁ, ମେଡିକାଲ କର୍ମଚାରୀ, ଆଶାକର୍ମୀ ଉପସ୍ଥିତ ଥିଲେ।

## ବିକ୍ରି ହେଲା ୧୭ କୁଇଣ୍ଟାଲ ମୋ’ ଖତ




ଭୁବନ, ୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ଶୁକ୍ରବାରଠାରୁ ମୋ’ ଖତ ବିକ୍ରିର ଶୁଭାରମ୍ଭ କରାଯାଇଛି। ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରୁ ଉତ୍ପାଦିତ ୧୭ କୁଇଣ୍ଟାଲ ଖତକୁ କେଜି ପିଛା ୨୦ ଟଙ୍କା ଦରରେ ଗଁଦିଆ ଉଦ୍ୟାନ ବିଭାଗ ନର୍ସରିକୁ ବିକାଯାଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁ ଏହାର ଶୁଭାରମ୍ଭ କରିଥିବାବେଳେ କାଉନ୍‌ସିଲର ପପୁ କୁମାର ସାହୁଙ୍କ ସମେତ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ। ସହରୀ ଆବର୍ଜନାରୁ ପ୍ରସ୍ତୁତ ଏହି ଜୈବଖତ କୃଷି କାର୍ଯ୍ୟରେ ଉପଯୋଗ କରାଯାଇପାରିବ ବୋଲି ସୂଚନା ଦେଇଛନ୍ତି ଏନ୍‌ଏସି ସିଟି ମ୍ୟାନେଜର ଜାନକୀ ମହାନ୍ତି। ଭୁବନ ସହରରୁ ଦୈନିକ ୩ ଟନ୍‌ରୁ ଊର୍ଦ୍ଧ୍ୱ ଆବର୍ଜନା ସଂଗ୍ରହ କରାଯାଉଛି। ଏଥିରେ ୨ଟି ବ୍ୟାଟେରିଚାଳିତ ଗାଡ଼ି, ୩ଟି ଟାଟା ଏସିଇ ନିୟୋଜିତ କରାଯାଇଛି। ଖତ ଉତ୍ପାଦନ ଦାୟିତ୍ୱରେ ଗୋରଖନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ରହିଛନ୍ତି। ପ୍ରକ୍ରିୟାକରଣ କାର୍ଯ୍ୟରେ ୮ ମହିଳା ନିୟୋଜିତ ଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ, ଗୋଷ୍ଠୀ ସଂଯୋଜିକା ଦୀପାଳି ସାମନ୍ତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରୋଗପୋକ ପରିଚାଳନା ନିମନ୍ତେ ତାଲିମ

ଆଠମଲ୍ଲିକ, ୧୧ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ରବି ଋତୁରେ ବିଭିନ୍ନ ପ୍ରକାର ଫସଲ, ରୋଗପୋକ ପରିଚାଳନା ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆତ୍ମା, ଅନୁଗୋଳ ଓ ଏଫ୍‌ଇଏସ୍ ସହାୟତାରେ ଆଠମଲ୍ଲିକ ବ୍ଲକ କୃଷକ ସାଥୀଙ୍କୁ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ସହକାରୀ କୃଷି ଅଧିକାରୀ ରାଜେନ୍ଦ୍ର କୁମାର ଦାସ, ବିଟିଏମ୍ ସବ୍ୟସାଚୀ ସାହୁ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଏଫ୍‌ଇଏସ୍ ଆଠମଲ୍ଲିକ ମାଷ୍ଟର ଟ୍ରେନର ସନୋଜ କୁମାର ଦେହୁରୀ, ଛେଣ୍ଡିପଦା ବ୍ଲକ ମାଷ୍ଟର ଟ୍ରେନର ବିନୟ କୁମାର ନାୟକ ତାଲିମ ପ୍ରଦାନ କରିଥିଲେ। ରବି ଫସଲ ଯଥା ମୁଗ, ବିରି, ସୋରିଷ, କୋଳଥ ଏବଂ ପନିପରିବା ଚାଷ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭିନ୍ନ ପ୍ରକାର ରୋଗ ଓ ତାହାର ନିରାକରଣ ଉପରେ ମାଷ୍ଟର ଟ୍ରେନର ତାଲିମ ପ୍ରଦାନ କରିଥିଲେ।



ବୈଠକରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

## ‘ସାହିତ୍ୟ ସମାଜର ଦର୍ପଣ’



ଆଠମଲ୍ଲିକ, ୧୧ (ଡି.ଏନ.ଏ.)

ଆଠମଲ୍ଲିକ ସୂଚନା ଭବନ ଠାରେ ଶନିବାର ପଞ୍ଚଧାରା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଓ ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପଦେଷ୍ଟା ଚିତ୍ତରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ତରଣୀ ସୁନା ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଡ. ରଣଜିତ ସେଠୀ, ସହକାରୀ ଜିଲାପାଳ କୁଳମଣି ଦଳେଇ ପ୍ରମୁଖ ଯୋଗଦେଇ ସାହିତ୍ୟ ସମାଜରୁ ବିଭେଦତା ଦୂର କରିଥାଏ ବୋଲି କହିଥିଲେ। ଯୁବ କବି ଜ୍ଞାନେନ୍ଦ୍ର ଭୋଇ, ସର୍ବେଶ୍ୱର ଘିଓ୍ୱାଲା, ରୋହିତ ନାଏକ, ପ୍ରବୀର କ୍ଷେତୀ, ଭୁବନ ମୋହନ ତ୍ରିପାଠୀ, ଉପଦେଷ୍ଟା ଚିତ୍ତରଞ୍ଜନ ତ୍ରିପାଠୀ ଓ ଅଧ୍ୟାପକ ବିବେକାନନ୍ଦ ବେହେରା କବିତା ପାଠ କରିଥିଲେ। ଆକାଶବାଣୀ ଓ ଦୂରଦର୍ଶନ କଳାକାର ମନ୍ମଥ ଭୁରୁଭୁରୀ ଏବଂ ବିଭୂତି ରଥ ସ୍ୱାଗତ ସଂଗୀତ ଗାନ କରିଥିଲେ। ବାଦ୍ୟକାର ଭାବେ ଶ୍ରୀଧର ମହାନ୍ତି, ଟୁକୁନୁ ବେହେରା ଓ ଅଚ୍ୟୁତ ପ୍ରଧାନ ଦାୟିତ୍ୱ ତୁଲାଇ ଥିଲେ। ସାହିତ୍ୟ ସଂସଦ ସମ୍ପାଦକ ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଭୁକ୍ତା କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ଯୁବ ଚିତ୍ରକର ଅଭିଲାଷ ସ୍ୱାଇଁ, ରଣଜିତ ରଣା ସହଯୋଗ କରିଥିଲେ। ଅଧ୍ୟାପକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଶରେ ପଡ଼ିଥିବା ବାଘ ଉଦ୍ଧାର

ଅନୁଗୋଳ ଅଫିସ, ୧୧

ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ବଲଙ୍ଗ ପଞ୍ଚାୟତ ଅଞ୍ଚଳରେ ଶିକାରୀଙ୍କ ଫାଶରେ ପଡ଼ିଥିବା ଏକ କଲରାପତରିଆ ବାଘକୁ ରବିବାର ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଫାଶ ଯୋଗୁ ବାଘ ବେକରେ କ୍ଷତ ସୃଷ୍ଟି ହୋଇଥିବାରୁ ବନ ବିଭାଗ ପକ୍ଷରୁ ଚିକିତ୍ସା କରାଯାଉଥିବା ଡିଏଫ୍‌ଓ ବିବେକ କୁମାର ସୂଚନା ଦେଇଛନ୍ତି।

ଡିଏଫ୍‌ଓ କହିଛନ୍ତି, ଜନ୍ତୁ ଶିକାର ପାଇଁ ଶିକାରୀମାନେ ଜଙ୍ଗଲରେ ଫାଶ ବସାଇଥିବା ବେଳେ ଶନିବାର ରାତିରେ ୩ରୁ ୪ ବର୍ଷୀୟ ଅଣ୍ଡିରା କଲରାପତରିଆ ବାଘ ସେଥିରେ ପଡ଼ିଯାଇଥିଲା। ତେବେ ମୁକୁଳିବାକୁ ଚେଷ୍ଟା କରିବା ସମୟରେ ଫାଶ ଛିଣ୍ଡିଯାଇଥିଲେ ହେଁ ତାହା ବାଘ ବେକରେ ଲାଗି ରହିଥିଲା। ପାଟ୍ରୋଲିଂ କରୁଥିବା କର୍ମଚାରୀମାନଙ୍କଠାରୁ ଖବରପାଇ ତୁରନ୍ତ ସେ ଘଟଣାସ୍ଥଳକୁ ଯାଇଥିଲେ। ସାତକୋଶିଆ ଡିଏଫ୍‌ଓ ସରୋଜ ପଣ୍ଡା ଓ କର୍ମଚାରୀମାନେ ମଧ୍ୟ ସେଠାରେ ପହଞ୍ଚିଥିଲେ। ବାଘକୁ କାବୁ କରାଯିବା ପରେ ବେକରେ ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା। ଏହାପରେ ତାକୁ ଯନ୍ତାରେ ରଖାଯାଇ ରାଇଗୁଡ଼ା ରେଞ୍ଜକୁ ନିଆଯାଇଛି। ସେଠାରେ ଆହତ ବାଘର ଚିକିତ୍ସା କରାଯାଉଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାହାକୁ ନିରୀକ୍ଷଣରେ ରଖାଯିବ। କ୍ଷତ ଠିକ୍ ହୋଇଯିବା ପରେ ବାଘକୁ ଜଙ୍ଗଲରେ ଛାଡ଼ି ଦିଆଯିବ। ତେବେ ଫାଶ ବସାଇଥିବା ଶିକାରୀଙ୍କୁ ଧରିବାକୁ ବନ ବିଭାଗ ପକ୍ଷରୁ ଜୋରଦାର ଚଢ଼ାଉ ଚାଲିଥିବା ଅନୁଗୋଳ ଡିଏଫ୍‌ଓ ବିବେକ କୁମାର ପ୍ରକାଶ କରିଛନ୍ତି।

## ୭୭୭ ଦୃଷ୍ଟିହୀନଙ୍କୁ ଶୀତବସ୍ତ୍ର ବଣ୍ଟନ


ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ତରଫରୁ ଆୟୋଜିତ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଣିହାଁ, ୧୧(ଡି.ଏନ.ଏ.)

କଣିହାଁ ବ୍ଲକ ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ତରଫରୁ ରବିବାର ସ୍ଥାନୀୟ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପରିସରରେ ୪୯ତମ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏନ୍‌ଟିପିସି କଣିହାଁ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏସ୍ ସୁନ୍ଦରମ୍, ଏଜିଏମ୍ (ଏଚ୍‌ଆର) ବି.କେ. ପାଣ୍ଡେ, ଏଜିଏମ୍ (ସିଏସ୍‌ଆର) ରଫିକୋଲ ଇସ୍‌ଲାମଙ୍କ ସହିତ ଅନ୍ୟାନ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୭୭୭ ଦୃଷ୍ଟିହୀନ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ସଭାପତି ନୃସିଂହ ବରାଳଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତା, ସାମାଜିକ କର୍ମୀ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ସଭାପତି ସୁଧାକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଇଂ. ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ କାଳିନ୍ଦୀ ପ୍ରଧାନ ବିବରଣୀ ପାଠ କରିଥିବାବେଳେ ସାମାଜିକ କର୍ମୀ ସୁନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏନ୍‌ଟିପିସି ସିଏସ୍‌ଆର୍ ପାଣ୍ଠିରୁ ଶୀତବସ୍ତ୍ର ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନୁପସ୍ଥିତ ଦୃଷ୍ଟିହୀନମାନେ ଆସନ୍ତା ୧୪ ତାରିଖରେ ତାଳଚେର ବ୍ଲକ କଳମଛୁଇଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶୀତବସ୍ତ୍ର ନେଇପାରିବେ ବୋଲି ସମିତି ତରଫରୁ ସୂଚନା ଦିଆଯାଇଛି। ସାମୂହିକ ଭୋଜନ ସେବନ କାର୍ଯ୍ୟକ୍ରମରେ ଟାକୁଆ, ପଥରମୁଣ୍ଡା, କଣିହାଁ ଗ୍ରାମବାସୀଙ୍କ ସହ ବହୁ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

ବଇଣ୍ଡା, ୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରବିବାର ସ୍ଥାନୀୟ ସାପ୍ତାହିକ ହାଟ ନିକଟରେ ୧୦ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଙ୍ଗଠନର ଜଗତ ମୋହନ ମିଶ୍ର, ସୁବାସ ସାହୁ, ଦୀପକ ସାହୁ, ଗନ୍ଧର୍ବ କାନ୍ଧିଆ, ରାକେଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିଲେ।


ବଇଣ୍ଡା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଉଛି।


ନବବର୍ଷ ଅବସରରେ ରବିବାର ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ସାମାଜିକ କର୍ମୀ ସୁବୋଧ ମିଶ୍ର ୧୩୬ତମ ରକ୍ତଦାନ କରୁଛନ୍ତି।

## ସଂକ୍ଷେପରେ

### ମାଣ୍ଡିଆ ଚାଷ ସମ୍ପର୍କିତ ତାଲିମ

**ଢେଙ୍କାନାଳ ଅଫିସ, ୧।୧:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତ ସଭାଗୃହରେ ମାଣ୍ଡିଆ ଚାଷ ସମ୍ପର୍କିତ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମିଲେଟ୍ ମିଶନ ଓ ସ୍ୱେଚ୍ଛାସେବୀ ସଂସ୍ଥା ଇଡିଅଟ୍ ପକ୍ଷରୁ ଆୟୋଜିତ ଏହି ତାଲିମ ଶିବିରକୁ ସରପଞ୍ଚ ଲଳିତା ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାଜକିଶୋର ସାହୁ, ଗୋଷ୍ଠୀ କୃଷି ଅଧିକାରୀ ବିଭୁଦତ୍ତ ସାହୁ, ବିଟିଏମ୍ ଦେବାଶିଷ ସାହୁ ପ୍ରମୁଖ ସଫଳ ମାଣ୍ଡିଆ ଚାଷ ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ। ଆତ୍ମା ସହକାରୀ ନିର୍ଦ୍ଦେଶିକା ମଧୁସ୍ମିତା ଶତପଥୀ, ସହକାରୀ କୃଷି ଅଧିକାରୀ ଦୀପ୍ତିଦୀପାଲି, ଜିଲା ସଂଯୋଜକ ରାକେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିକାଶ ପାଇଁ ସହଯୋଗ ଲୋଡ଼ିଲେ ଜିଲାପାଳ

**ଢେଙ୍କାନାଳ ଅଫିସ, ୧।୧:** ନବବର୍ଷର ଶୁଭେଚ୍ଛା ଜଣାଇବା ପାଇଁ ରବିବାର ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ପୌରାଧକ୍ଷା ଜୟନ୍ତୀ ପାତ୍ରଙ୍କ ସମେତ ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ପୋଲିସ ଅଧିକାରୀ, ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଜିଲାର ବିକାଶ ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟନାଥ ମହାପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କୁ ଟାଙ୍ଗିଆ ଚୋଟ

**ଢେଙ୍କାନାଳ ଅଫିସ, ୧।୧:** ଢେଙ୍କାନାଳ ଜିଲା ରାସୋଳ ଥାନା କପିସାହି ଗ୍ରାମର ମାମୁନି ସାହୁ (୨୮)ଙ୍କୁ ରବିବାର ଜଣେ ଯୁବକ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ମାମୁନିଙ୍କ ମୁହଁ, ବେକ, କାନ୍ଧ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। କଳାଙ୍ଗ ଗ୍ରାମର ସୁଶାନ୍ତ ଦେହୁରୀ ୩ମାସ ତଳେ ମାମୁନିଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମାମୁନି ରାସୋଳ ଥାନାରେ ଅଭିଯୋଗ କରିଥିଲେ। ରାଗ ରଖି ସୁଶାନ୍ତ ଏଭଳି ଆକ୍ରମଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।



କପିଳାସ ପୀଠରେ ଠାକୁରଙ୍କ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ୍।



ବାରବାଙ୍କ ଘାଟି ରାସ୍ତା ଆରମ୍ଭରେ ଟ୍ରାଫିକ୍ ଜାମ୍ ଯୋଗୁ ଯାନବାହନ ଅଟକି ରହିଛି।

# ପୀଠରୁ ଆରମ୍ଭ ପ୍ରଥମ ଦିନ

ଢେଙ୍କାନାଳ ଅଫିସ୍, ୧।୧

- କପିଳାସରେ ୮୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ
- ବାରବାଙ୍କ ଘାଟିରାସ୍ତା ଘଣ୍ଟାଏ ଜାମ୍
- ପର୍ଯ୍ୟଟନସ୍ଥଳୀରେ ନାହିଁ ନ ଥିବା ଭିଡ଼

ବିଶ୍ୱର କଲ୍ୟାଣ କାମନା କରି ମନ୍ତ୍ରଧ୍ୱନିରେ ଗୁଞ୍ଜରିତ ହେଉଥିଲା ଦେବାଳୟ। କିଏ ଠାକୁରଙ୍କୁ ଅର୍ପଣ କରୁଥିଲେ ଧୂପ, ଦୀପ, ନୈବେଦ୍ୟ ତ ଆଉ କିଏ ନୂଆବର୍ଷ ଯେପରି ଭଲରେ କଟିବ ସେଥିଲାଗି ମାଗୁଥିଲେ ଆଶିଷ। ସଭିଏଁ ତଲ୍ଲୀନ ଥିଲେ ଭକ୍ତିଭାବରେ। ଇଂଲିଶ ନବବର୍ଷର ପ୍ରଥମ ଦିନ ମଠ, ମନ୍ଦିର ଓ ପର୍ଯ୍ୟଟନସ୍ଥଳୀରେ କଟିଥିବାବେଳେ ଦିଅଁ ଦର୍ଶନରୁ ଦିନଚର୍ଯ୍ୟା ଆରମ୍ଭ କରିଥିଲେ ଢେଙ୍କାନାଳବାସୀ।

ରବିବାର ପଡ଼ିଥିଲା ନୂଆବର୍ଷ। ତା' ସହିତ ଶାମ୍ବଦଶମୀ ମଧ୍ୟ। ଏଭଳି ବିରଳ ସଂଯୋଗକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲେ କେହି। ନିଜ ପରିବାର, ଆତ୍ମୀୟଙ୍କ ମଙ୍ଗଳକାମନା କରିବାକୁ ପ୍ରାତଃ ସମୟରୁ ସମସ୍ତେ ହୋଇଥିଲେ ଦେବାଳୟ ମୁହାଁ। ପ୍ରସିଦ୍ଧ ଶୈବପୀଠ କପିଳାସରେ ଜାନୁୟାରୀ ପହିଲାରେ ପ୍ରାୟ ୮୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେବୋତ୍ତର ବିଭାଗ ଏବଂ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମହାଦେବ ଶ୍ରୀ ଚନ୍ଦ୍ରଶେଖରଜୀଉ ଓ ମା' ପାର୍ବତୀଙ୍କୁ ଦର୍ଶନ କରିବାକୁ ଉଭୟ ପାହାଚ ଏବଂ ଘାଟି ରାସ୍ତାରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ଲାଗି ବ୍ୟାପକ ବ୍ୟବସ୍ଥା ସତ୍ତ୍ୱେ ସକାଳେ ଘାଟିରାସ୍ତାରେ ପ୍ରାୟ ଘଣ୍ଟାଏ ଧରି ଭୟଙ୍କର ଟ୍ରାଫିକ୍ ଜାମ ହୋଇଥିଲା। ପୋଲିସ ପହଞ୍ଚି ଘାଟି ପୂର୍ବରୁ ଯାନବାହନଗୁଡ଼ିକୁ ଅଟକାଇବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଢେଙ୍କାନାଳ ସମେତ ସମ୍ବଲପୁର, ଅନୁଗୋଳ, କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, ଭୁବନେଶ୍ୱର, ପୁରୀ, ଗଞ୍ଜାମ ଆଦି ଜିଲାର ବହୁ ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ କରିବାକୁ ସକାଳୁ ସନ୍ଧ୍ୟା ଯାଏ ଭିଡ଼ ଜମାଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ ସକାଳେ ଠାକୁରଙ୍କ ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସ୍ନିଗ୍ଧାରାଣୀ ଧଳ ଉପସ୍ଥିତ ଥିବାବେଳେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

ଅନୁରୂପ ଭାବେ କପିଳାସ ପ୍ରାଣୀ ଉଦ୍ୟାନ, ସାଇନ୍ସ ପାର୍କ, କୃଷ୍ଣକୁମାରପୁରସ୍ଥିତ ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମ, ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା, ସାପୁଆ ଡ୍ୟାମ୍, ସରାଙ୍ଗ ଅନନ୍ତଶୟନ, କୁଆଲୋ ଅଷ୍ଟଶମ୍ଭୁ ପୀଠ ମଧ୍ୟ ପର୍ଯ୍ୟଟକଙ୍କ ଗହଳଚହଳରେ ମୁଖରିତ ହୋଇଉଠିଥିଲା।

## ପାର୍କରେ ଜମିଲା ଜିରୋ ନାଇଟ୍

ଢେଙ୍କାନାଳ ଅଫିସ, ୧।୧

ଢେଙ୍କାନାଳ ସଦର ବ୍ଲକ ସରଖିଆ ଗ୍ରାମସ୍ଥିତ ଜୟନ୍ତ ଉଦ୍ୟାନ ପରିସରରେ ଜମିଛି ଜିରୋ ନାଇଟ୍ ସେଲିବ୍ରେଶନ। ସ୍ଥାନୀୟ କ୍ରିଷ୍ଣା କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏଥିରେ ଅଞ୍ଚଳର ସବୁ ବର୍ଗର ଲୋକେ ସାମିଲ ହୋଇଥିଲେ। ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପାର୍କକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିବାବେଳେ ନୃତ୍ୟସଙ୍ଗୀତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜୟନ୍ତ ଉଦ୍ୟାନ ପ୍ରତିଷ୍ଠାତା ସଞ୍ଜୀବ ଅଭିଳାଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମ ସଭାପତି ଶକ୍ତି ପ୍ରସାଦ ବେହେରା, ସମ୍ପାଦକ ବବ୍ରୁବାହନ ଦେହୁରୀ, ୱାର୍ଡସଭ୍ୟ ନୃସିଂହ ଚରଣ ଷେଣ୍ଡ ପ୍ରମୁଖ ସହଯୋଗ କରିଥିଲେ।

# ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ





ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାମାନେ।

ଢେଙ୍କାନାଳ ଅଫିସ, ୧।୧

ନବବର୍ଷ ଉପଲକ୍ଷେ 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନ ପକ୍ଷରୁ ଢେଙ୍କାନାଳ ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଏମ୍‌ପି ମହେଶ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ନେହେରୁ ପାର୍କରେ ପଣ୍ଡିତ ଜବାହରଲାଲ ନେହେରୁ, ବାଜିଚୌକରେ ସର୍ବକନିଷ୍ଠ ଶହୀଦ ବାଜି ରାଉତ, ସୁପରମାର୍କେଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ଗୋପବନ୍ଧୁ ଟାଉନ ହଲ୍‌ରେ ଉତ୍କଳମଣି ଗୋପବନ୍ଧୁ ଦାସ, ରଥଗଡ଼ାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ମହିଳା କଲେଜ ସମ୍ମୁଖରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସଂଗ୍ରାମୀ ସାରଙ୍ଗଧର ଦାସ, ହୋମଗାର୍ଡ କାର୍ଯ୍ୟାଳୟ ନିକଟରେ ସମରକବି ବ୍ରଜନାଥ ବଡ଼ଜେନା, ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ, ଦୁର୍ଗାବଜାର ଛକରେ ଉତ୍କଳଗୌରବ ମଧୁସୂଦନ ଦାସ, ଷ୍ଟାଡିୟମ୍ ନିକଟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସମ୍ବିଧାନ ପ୍ରଣେତା ଆମ୍ବେଡକର, ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। 'ଆମ ପ୍ରତିଭା ଆମ ସମ୍ମାନ' ସଭାପତି ପ୍ରିୟରଞ୍ଜନ ମାହନ୍ତ, ରୁଦ୍ରାନ୍ତ ଦଳେଇ, ପ୍ରତାପ ଦାସ, ସଦାଶିବ ମହାପାତ୍ର, ଶ୍ୟାମସୁନ୍ଦର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ମନମୋହିଲା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ

ଢେଙ୍କାନାଳ ଅଫିସ, ୧।୧

ନବବର୍ଷ ଅବସରରେ ଢେଙ୍କାନାଳ ରାଜବାଟୀ ପରିସର ଦରବାର ହଲ୍‌ରେ ରବିବାର ସନ୍ଧ୍ୟାରେ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବାଂଶୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଚିତ୍ତାକର୍ଷକ ଓଡ଼ିଶୀ, ସମ୍ବଲପୁରୀ, ଢେମ୍‌ସା ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଗୁରୁ ଗୌରୀଶଙ୍କର ଦାସଙ୍କ ସମେତ ଅସୀମା ଆଦ୍ୟାଶା, ଯାଜ୍ଞଶ୍ରୀ, ଦୀପ୍ତିମୟୀ, ମାନ୍ୟତା, ତନ୍‌ଭି, ସ୍ୱୟଂଶ୍ରୀ ପ୍ରମୁଖଙ୍କ ଦଳଗତ ନୃତ୍ୟ କରତାଳି ସାଉଁଟିଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର ରାଜା କାମାକ୍ଷା ପ୍ରସାଦ ସିଂଦେଓ, ରାଣୀ ସାବିତ୍ରୀ ଦେବୀ, ଯୁବରାଜ ଅମରଜ୍ୟୋତି ସିଂଦେଓ, ତାଙ୍କ ସ୍ତ୍ରୀ ମ୍ରିନାଲ କୁମାରୀଙ୍କ ସମେତ ରାଜ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

## କଲେଜ କର୍ମଚାରୀଙ୍କ ଅବସର

ଢେଙ୍କାନାଳ ଅଫିସ୍, ୧।୧





କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ହିନ୍ଦୋଳରୋଡ୍ ସ୍ଥିତ ଓପିଏସ୍ କଲେଜରେ ଦୀର୍ଘ ୩୮ ବର୍ଷ ଧରି କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ହେମନ୍ତ କୁମାର ସ୍ୱାଇଁଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ, ଡ. ମାନସୀ କର, ଡ. ତପନ କୁମାର ପଣ୍ଡା, ଡ. ରାଜକିଶୋର ସାମଲ, ନୀଳକଣ୍ଠ ଦାସ, ଗୁରୁଚରଣ ରାଉତରାୟ, ବିଜୟ ସାହୁ, କୁମାରୀ ନୟନା ବରାଳ, ଦିଲୀପ ପୃଷ୍ଟି, ଶିଶିର ବେହେରା, ସରୋଜ ଧଳ ପ୍ରମୁଖ ତାଙ୍କ ନିଷ୍ଠାପର କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। କର୍ମଚାରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ଦେବାନନ୍ଦ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ସୁନାଗରିକ ହେବାକୁ ପରାମର୍ଶ

ଢେଙ୍କାନାଳ ଅଫିସ୍, ୧।୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗସ୍ଥିତ ଜିଏମ୍‌ଆର ଭରଲକ୍ଷ୍ମୀ ଡିଏଭି ପବ୍ଲିକ ସ୍କୁଲର ୧୦ତମ ବାର୍ଷିକ ଉତ୍ସବ 'ଅପ୍ରୀତମ୍' ରବିବାର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ମୁଖ୍ୟ ମନୋଜ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଶୃଙ୍ଖଳିତ ଓ ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ଅହଲ୍ୟାବାଈ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମାନବ ସମ୍ବଳ ବିଭାଗ ମୁଖ୍ୟ ରବି ରେଡ୍ଡୀ, ଭିଡିସଞ୍ଚାର ମୁଖ୍ୟ ସୁଶୀଲ ଚୌଧୁରୀ, ଡିଏଭି ଗ୍ରୁପ୍ ସହକାରୀ ଆଞ୍ଚଳିକ ଅଧିକାରୀ ଏସ୍.କେ. ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ନବବର୍ଷରେ ସଡ଼କ ସୁରକ୍ଷା ବାର୍ତ୍ତା

କାମାକ୍ଷାନଗର, ୧।୧ (ଡି.ଏନ୍.ଏ.)

ଇଂଲିଶ ନବବର୍ଷକୁ ନିଆରା ଢଙ୍ଗରେ ସ୍ୱାଗତ କରିଛି କାମାକ୍ଷାନଗର ଉପଖଣ୍ଡ ପ୍ରଶାସନ। ସଡ଼କ ସୁରକ୍ଷା ସଚେତନତା ମାଧ୍ୟମରେ ଅଧିକାରୀମାନେ ଗାଡ଼ିଚାଳକ, ପଥଚାରୀଙ୍କୁ ସଚେତନ କରାଇବା ସହ ଦୁର୍ଘଟଣାର କାରଣ ଓ ଏଥିରୁ ବର୍ତ୍ତିବାର ଉପାୟ ବତାଇଥିଲେ। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ନେତୃତ୍ୱରେ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ରାଜସ୍ୱ ଅଧିକାରୀ ମଦନମୋହନ ଜେନାଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ଅଧିକାରୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପଥଚାରୀଙ୍କୁ ଅଟକାଇ ହେଲ୍‌ମେଟ ପରିଧାନ, ଚାରିଚକିଆ ଯାନରେ ସିଟ୍‌ବେଲ୍ଟ ବାନ୍ଧିବା, ଆବଶ୍ୟକ ସୁରକ୍ଷା ଉପକରଣ ସାଥିରେ ନେବା, ଗାଡ଼ିର ବେଗ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦେଇଥିଲେ। ଗାଡ଼ିଚାଳକଙ୍କୁ ଚକୋଲେଟ୍ ଦିଆଯାଇ ଟ୍ରାଫିକ୍ ନିୟମ ମାନିବାକୁ ସଚେତନ କରାଯାଇଥିଲା।



ଜଣେ ବାଇକ୍ ଚାଳକଙ୍କୁ ସଚେତନ କରାଯାଉଛି।

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କମ୍ପିଲା ମଞ୍ଚ



ହିନ୍ଦୋଳ ବ୍ଲକ ଖଣ୍ଡତୀରି ଗ୍ରାମର ଶହୀଦ ଯବାନ ଶ୍ରୀକାନ୍ତ ଦେହୁରୀଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଉଛି।



ସମ୍ବର୍ଦ୍ଧିତ ହୋଇଥିବା ଦେବୋଲିନ ବରାଳ।

### ପ୍ରତିଭା ସମ୍ମାନ ଓ ସ୍ୱାଗତମ୍-୨୦୨୩ ସମାରୋହ

ଢେଙ୍କାନାଳ ଅଫିସ, ୧।୧

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ତ୍ରିରଙ୍ଗା-ସୁପ୍ରଭାତ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଦୁଇଦିନ ଧରି ଚାଲିଥିବା 'ପ୍ରତିଭା ସମ୍ମାନ ଓ ସ୍ୱାଗତମ୍-୨୦୨୩' ସମାରୋହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିରୋ ନାଇଟ୍ ସେଲିବ୍ରେଶନରେ ମଞ୍ଚ ଦୁଲୁକି ଉଠିଥିବାବେଳେ ବେଶ୍ ଆକର୍ଷଣୀୟ ହୋଇଥିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ।

ଏଥିପୂର୍ବରୁ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଆସନ୍ତା ଜାନୁୟାରୀ ୨୭ରୁ ୨୯ ଯାଏ ଢେଙ୍କାନାଳ ମହୋତ୍ସବ ଏବଂ ଫେବୃୟାରୀରେ ପୁସ୍ତକ ମେଳା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ବିଶ୍ୱକପ୍ ହକି ଉପଲକ୍ଷେ ଜିଲାରେ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଯୋଜନା ଥିବାବେଳେ ଏଥିରେ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ସମ୍ମାନିତ ଅତିଥି ପୌରାଧକ୍ଷା ଜୟନ୍ତୀ ପାତ୍ର କହିଲେ, ଢେଙ୍କାନାଳ ହେଉଛି କଳା ସଂସ୍କୃତିର ସହର। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଅନୁଷ୍ଠାନଗୁଡ଼ିକୁ ଯଥାସାଧ୍ୟ ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡିଏଫ୍‌ଓ ଡ. ପ୍ରକାଶଚାନ୍ଦ ଗୋଗିନେନି, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ, ବରିଷ୍ଠ ସାମାଜିକ କର୍ମୀ ଗଙ୍ଗାଧର ସାମଲ, ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ହିନ୍ଦୋଳ ବ୍ଲକ ଖଣ୍ଡତୀରି ଗ୍ରାମର ଶହୀଦ ଯବାନ ଶ୍ରୀକାନ୍ତ ଦେହୁରୀଙ୍କ ପରିବାରକୁ ଏବଂ ଜିଲାରେ କଳା ସଂସ୍କୃତି ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ତରଙ୍ଗ କଲେଜ କୁଇନ୍ ପ୍ରତିଯୋଗିତାର ବିଜେତା ଦେବୋଲିନ ବରାଳ, ଶିଶୁ ପ୍ରତିଭା ରାଘବେନ୍ଦ୍ର ସାହୁ, ଖବରଦାତା ବିପିନ ବିହାରୀ ସେଠୀ, ସାମାଜିକ କର୍ମୀ ପବିତ୍ର ମହାରଣା ମଧ୍ୟ ସମ୍ମାନିତ ହୋଇଥିଲେ।

ଅନୁଷ୍ଠାନର ନିର୍ଦ୍ଦେଶିକା ରାଜଶ୍ରୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ସତ୍ୟସ୍ୱରୂପ ଦାସ, ଅରବିନ୍ଦ ସାହୁ, ଦେବାଶିଷ ମିଶ୍ର, ଜିଜ୍ଞାସୁ ସାହୁ, ଆଶିଷ ଶତପଥୀ, ଅଭୟ ସାହୁ, ମନୋହର ଶତପଥୀ, ଦେବକାନ୍ତ ମିଶ୍ର, ଏଏନ୍‌ପି ଲୋପାମୁଦ୍ରା, ଲକ୍ଷ୍ମୀକାନ୍ତ ସାହୁ, କାମାକ୍ଷା ପ୍ରସାଦ ରଣା, ପ୍ରମୋଦ ଦାସ, ଗଙ୍ଗାଧର ରାଉତ, ଜୟଦେବ ଶତପଥୀ, ସୁଶାନ୍ତ କର, ଶୁଭଲଗ୍ନା ମହାପାତ୍ର, ରାମେଶ୍ୱରୀ ପଟ୍ଟନାୟକ, ଗୀତାଞ୍ଜଳି ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

